**ସଂକ୍ଷେପରେ**

## ରାଶନ କାର୍ଡରୁ ବଞ୍ଚିତ ଦିବ୍ୟାଙ୍ଗ ଗଜେନ୍ଦ୍ର



**ପ୍ରୀତିପୁର,୨୨।୧୧(ସୁଶାନ୍ତ ବେହୁରିଆ):** ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତ କସବା ଗ୍ରାମର ଦିବ୍ୟାଙ୍ଗ ଗଜେନ୍ଦ୍ର ମଲ୍ଲିକ(୫୦) ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅବିବାହିତ ଥିବା ଗଜେନ୍ଦ୍ର ନିଜର ଦୈନନ୍ଦିନ ଆବଶ୍ୟକତା ପୂରଣ ନିମନ୍ତେ ବଡ଼ ଭାଇଙ୍କ ଉପରେ ନିର୍ଭର କରୁଛନ୍ତି। ଦିନମଜୁରିଆ ଭାବରେ କାର୍ଯ୍ୟ କରୁଥିବା ତାଙ୍କ ବଡ଼ ଭାଇ ରାଜେନ୍ଦ୍ରଙ୍କ ବୟସ ୬୦ ଟପିଲାଣି। ସେ ସବୁବେଳେ ଗଜେନ୍ଦ୍ରଙ୍କ ଭରଣ ପୋଷଣ ତୁଲାଇବା ନିମନ୍ତେ ସକ୍ଷମ ନୁହନ୍ତି। ଗଜେନ୍ଦ୍ର ୭୫ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବାରୁ ସରକାରଙ୍କ ତରଫରୁ ମିଳୁଥିବା ଭତ୍ତା ହିଁ ତାଙ୍କର ଏକମାତ୍ର ସମ୍ବଳ। ମାତ୍ର ରାଶନ କାର୍ଡ ନ ଥିବାରୁ ଚାଉଳ ଓ ଚିକିତ୍ସା ଖର୍ଚ୍ଚ ନିମନ୍ତେ ଗଜେନ୍ଦ୍ରଙ୍କୁ ବାରଦୁଆର ହେବାକୁ ପଡୁଛି। ରାଶନ କାର୍ଡ ଖଣ୍ଡେ ପାଇବା ପାଇଁ ସେ ବର୍ଷବର୍ଷ ଧରି ଆବେଦନ କରୁଛନ୍ତି। ହେଲେ ତାଙ୍କୁ କାର୍ଡ ମିଳି ପାରୁନାହିଁ। ତେଣୁ ଯାଜପୁର ଜିଲାପାଳ ଗଜେନ୍ଦ୍ରଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ରାଶନ କାର୍ଡ ପ୍ରଦାନ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଦଶରଥପୁର ବ୍ଲକ ଯୋଗାଣ ଅଧିକାରୀ ତପସ୍ୱିନୀ ରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

## ଡିସେମ୍ବରରେ ୧୫ ବର୍ଷରୁ କମ୍ ଆନ୍ତଃକ୍ଲବ ଫୁଟବଲ ପ୍ରତିଯୋଗିତା

**ଯାଜପୁରରୋଡ୍,୨୨।୧୧(ପବିତ୍ର ରଞ୍ଜନ ମହାନ୍ତି):** ଯାଜପୁର ଜିଲା ଆଥ୍ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବରରେ ୧୫ବର୍ଷରୁ କମ ବର୍ଗର ଆନ୍ତଃକ୍ଲବ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଚାମ୍ପିୟନ ହୋଇଥିବା ଦଳ ରାଜ୍ୟ ସରକାର ଓ ଫାଓ ମିଳିତ ଉଦ୍ୟମରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଆଗାମୀ ଦିନରେ ଫାଓ ଫୁଟବଲ ଏକାଡେମୀ ପାଇଁ ଏହି ପ୍ରତିଯୋଗିତାରୁ ଖେଳାଳି ଚୟନ କରାଯାଇ ତାଲିମ ପ୍ରଦାନ କରାଯିବବୋଲି ଫାଓରେ ସ୍ଥିରୀକୃତ ହୋଇଛି। ଏଣୁ ଯାଜପୁର ଜିଲାର ଯେଉଁ କ୍ଲବ, ଅନୁଷ୍ଠାନ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ସେମାନେ ଚଳିତ ମାସ ୨୬ ତାରିଖ ମଙ୍ଗଳବାର ସୁଧା ଜିଲା ଆଥଲେଟିକ ଆସୋସିଏସନ ଫୁଟବଲ ସମ୍ପାଦକ ନରେନ୍ଦ୍ର ବଳ ନଚେତ ଜିଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁଙ୍କୁ ଯୋଗାଯୋଗ କରିବାପାଇଁ ସାଧାରଣ ସମ୍ପାଦକ ସସ୍ମିତ ମହାନ୍ତି ନିବେଦନ କରିଛନ୍ତି।

# ଅଙ୍ଗନୱାଡି ପିଲାଙ୍କୁ ଅଣଦେଖା

**ମଧ୍ୟାହ୍ନଭୋଜନ ଆର୍ଥିକ ସହାୟତା ବୃଦ୍ଧି ପ୍ରସଙ୍ଗ**

■ ସରକାରଙ୍କ ସମ୍ମୁଖରେ ଦାବି ଉପସ୍ଥାପନ କରିବ ସଂଘ

**ରସୁଲପୁର,୨୨।୧୧(ରଞ୍ଜିତ ରାଉତ):** ନଭେମ୍ବର ୧୪ ଶିଶୁ ଦିବସରେ ରାଜ୍ୟ ସରକାର ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ମଧ୍ୟାହ୍ନଭୋଜନ ଖର୍ଚ୍ଚରେ ୧ ଟଙ୍କା ବୃଦ୍ଧି କରିଛନ୍ତି। ମାତ୍ର ଏଥିରେ ଅଙ୍ଗନୱାଡି ପିଲାଙ୍କୁ ଅଣଦେଖା କରାଯାଇଛି। ଫଳରେ ରସୁଲପୁର ବ୍ଲକ ଅଧୀନ ୨୬୬ କେନ୍ଦ୍ରରେ ୫ ହଜାରରୁ ଊର୍ଦ୍ଧ୍ୱ ପିଲା ପାତରଅନ୍ତର ଶିକାର ହୋଇଛନ୍ତି। ଏହାକୁ ନେଇ ଅଙ୍ଗନୱାଡି କର୍ମୀ, ସଂଘ, ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ରାଜ୍ୟ ସଂଘ ପକ୍ଷରୁ ୧୯ଡିସେମ୍ବରରେ ଶତକାଳୀନ ଅଧିବେଶନ ସମୟରେ ବିଧାନସଭା ଘେରାଉ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ମସୟରେ ବିଭିନ୍ନ ଦାବି ଉପସ୍ଥାପନ କରାଯିବ। ଦାବିଗୁଡ଼ିକ ମଧ୍ୟରେ ଏସ୍ଏନ୍ପି(ସପ୍ଲିମେଣ୍ଟ ନିଉଟ୍ରିଶନ ପ୍ରୋଗ୍ରାମ) ଓ ଟିଏଚ୍ଆର(ଟେକ୍ ହୋମ ରାଶନ)ର ସହାୟତା ରାଶି ବୃଦ୍ଧି କରିବାକୁ ପ୍ରମୁଖ ଦାବି ରହିବ ବୋଲି ସୂଚନା ମିଳିଛି।



ସୂଚନା ମୁତାବକ, କେନ୍ଦ୍ର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଙ୍ଗନୱାଡି ପିଲା, ଗର୍ଭବତୀ ଓ ପ୍ରସୂତି, କିଶୋରୀ ବାଳିକାମାନଙ୍କୁ ପୁଷ୍ଟି ସହାୟତା ପ୍ରଦାନ କରାଯାଉଛି। ଏହି ସହାୟତା ମଧ୍ୟରେ ଏସ୍ଏନ୍ପି(ପରିପୃଷ୍ଟ ପୁଷ୍ଟିକର କାର୍ଯ୍ୟକ୍ରମ) ଓ ଟିଏଚ୍ଆର(ଟେକ୍ ହୋମ ରାଶନ) ପ୍ରମୁଖ କାର୍ଯ୍ୟକ୍ରମ ଜାରି ରହିଛି। ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ୩ରୁ୬ବର୍ଷ ପିଲାଙ୍କୁ ସୋମବାରରୁ ଶନିବାର ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ସୋମବାର ଭାତ ଓ ଡାଲମା, ମଙ୍ଗଳବାରରୁ ଶନିବାର ଭାତ ଓ ଅଣ୍ଡା ତରକାରି ଦିଆଯାଉଛି। ଏ ବାବଦରେ ସରକାରଙ୍କ ପକ୍ଷରୁ ପିଲା ପିଛା ୫.୯୦ଟଙ୍କା ପ୍ରଦାନ କରାଯାଉଛି। ତେବେ ଅଣ୍ଡାର ବଜାର ଦର ୭ଟଙ୍କା ହୋଇଥିବାବେଳେ ସେଥିରେ ଆଳୁ ଓ ମସଲା ଆଦି ବ୍ୟବହାର କରାଯାଇ ତରକାରୀ ପ୍ରସ୍ତୁତ କରାଯାଉଛି। ଏହି ହିସାବରେ ମୁଣ୍ଡପିଛା ୧୦ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହେଉଛି। ଏହାଛଡ଼ା ଟିଏଚ୍ଆର ଯୋଜନାରେ ୬ମାସରୁ ୩ବର୍ଷ ପିଲାଙ୍କୁ ଘରେ ଅଣ୍ଡା ଓ ଛତୁଆ ପ୍ରଦାନ କରାଯାଉଛି। ଛତୁଆ ପ୍ୟାକେଟ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଯୋଗାଇ ଦିଆଯାଉ ଥିବାବେଳେ ଅଙ୍ଗନୱାଡି କର୍ମୀ ଅଣ୍ଡା କ୍ରୟକରି ଘରେ ପ୍ରଦାନ କରୁଛନ୍ତି। ରାଜ୍ୟ ସରକାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ପାଇଁ ମୁଣ୍ଡପିଛା ୧ଟଙ୍କା ସହାୟତା ରାଶି ବୃଦ୍ଧି କରିଥିବାବେଳେ ଅଙ୍ଗନୱାଡି କେନ୍ଦ୍ର ପିଲାଙ୍କ ସମସ୍ୟାକୁ ଅଣଦେଖା କରିଛନ୍ତି। ସ୍ୱଳ୍ପ ଅର୍ଥରାଶିରେ ପରିପୃଷ୍ଟ ପୁଷ୍ଟିକର ପ୍ରୋଗ୍ରାମ ଓ ଘରକୁ ଯୋଗାଇ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ଯୋଜନା ପ୍ରହସନରେ ପରିଣତ ହୋଇଛି। ପିଲାଙ୍କ ଉତ୍ତମ ସ୍ୱାସ୍ଥ୍ୟ ଗଠନ ପାଇଁ ଉଦ୍ଦିଷ୍ଟ ପୁଷ୍ଟିକର ଖାଦ୍ୟ ଯୋଜନା କେବଳ ଘୋଷଣାରେ ସୀମିତ ବୋଲି କୁହାଯାଉଛି। ସରକାରଙ୍କ ଏଭଳି ପାତରଅନ୍ତର ନୀତିକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରୀ ଗୀତାଗାୟତ୍ରୀ ରଥଙ୍କୁ ପଚାରିବାରୁ ସେ କହିଛନ୍ତି, ରନ୍ଧାଖାଦ୍ୟ ଓ ଘରକୁ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଦର ଉପରେ ସହାୟତାରାଶି ବୃଦ୍ଧି ଘଟିଥିବାନେଇ ତାଙ୍କ ପାଖରେ କୌଣସି ସୂଚନାନାହିଁ। ତେବେ ଅଣ୍ଡା, ମସଲା, ଆଳୁ ଆଦିର ଦର ବଢିଥିବାରୁ ମଧ୍ୟାହ୍ନଭୋଜନ ପରିଚାଳନାରେ କର୍ମୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ରନ୍ଧାଖାଦ୍ୟର ସରକାରୀ ଦର ବୃଦ୍ଧି ନେଇ ବିଭିନ୍ନ ବୈଠକ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆସୁଛି ବୋଲି ସେ ପ୍ରକାଶ କରିଛନ୍ତି।

## ଟାଟା ଷ୍ଟିଲ୍ ପକ୍ଷରୁ ଆଉଟ୍‌ଡୋର ଲିଡରଶିପ କ୍ୟାମ୍ପ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଯୁବତୀ ଯୁବକ ଓ ଅନ୍ୟମାନେ।

**କାଳିଆପାଣି,୨୧।୧୧(ଅସିତ ମହାନ୍ତ):** ଟାଟାଷ୍ଟିଲ ଫାଉଣ୍ଡେସନ(ଟିଏସ୍ଏଫ୍) ପକ୍ଷରୁ କିଶୋରୀକିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ ଉପକ୍ରମ ବା ରିସ୍ତା ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଯୁବତୀଯୁବକଙ୍କ ପାଇଁ ଏକ ଆଉଟଡୋର ଲିଡରଶିପ କ୍ୟାମ୍ପ(ଓଏଲ୍ସି) ବା ବାହ୍ୟ ନେତୃତ୍ୱ ଶିବିରର ଶୁଭାରମ୍ଭ କରାଯାଇଛି। ଏଥିରେ ଭାଗନେବାକୁ ଯାଉଥିବା ସୁକିନ୍ଦା ଅଞ୍ଚଳର ୪୦ ଯୁବତୀଯୁବକଙ୍କ ଯାତ୍ରାକୁ ଟିଏସ୍ଏଫ୍‌ର କର୍ମଚାରୀମାନଙ୍କ ଉପସ୍ଥିତିରେ ଟାଟାଷ୍ଟିଲ ଫେରୋ ଆଲଏଜ ଆଣ୍ଡ ମିନେରାଲସ ଡିଭିଜନର(ଏଫଏଏମଡି) ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାର ଉଦ୍‌ଘାଟନ କରିଥିଲେ। ପ୍ରୋଜେକ୍ଟ ରିସ୍ତା' ହେଉଛି ଟାଟାଷ୍ଟିଲ ଫାଉଣ୍ଡେସନର ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏଥିରେ ଟାଟାଷ୍ଟିଲର କାର୍ଯ୍ୟକ୍ଷେତ୍ର ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ଗ୍ରାମର କିଶୋରୀକିଶୋର ଓ ଯୁବ ଦମ୍ପତିଙ୍କ ପ୍ରଜନନ ଏବଂ ଯୌନ ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଉଛି।

ଯୁବବର୍ଗଙ୍କ ନେତୃତ୍ୱ ଦକ୍ଷତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଝାଡ଼ଖଣ୍ଡର ତୁମୁଙ୍ଗଠାରେ ଏହି ବାହ୍ୟ ନେତୃତ୍ୱ ଶିବିର ଆୟୋଜନ କରାଯାଇଛି। ଦଳଗତ କାର୍ଯ୍ୟର ପ୍ରସାର ଏବଂ ଗୋଷ୍ଠୀରେ ସକରାତ୍ମକ ପରିବର୍ତ୍ତନ ସୃଷ୍ଟି ଲାଗି ଅଂଶଗ୍ରହଣକାରୀଙ୍କୁ ଏଠାରେ ତାଲିମ ଦିଆଯିବ। ଶିବିର ଅଂଶ ଗ୍ରହଣକାରୀଙ୍କୁ ଏକ କଠିନ ପ୍ରକ୍ରିୟାରେ ଚୟନ କରାଯାଇଛି। ପ୍ରତି ଯୁବତୀଯୁବକ ନିଜ ଗାଁର ୩୦ କିଶୋରୀକିଶୋରଙ୍କ ପ୍ରତିନିଧିତ୍ୱ କରୁଛନ୍ତି। ସମସ୍ତ ଅଂଶଗ୍ରହଣକାରୀ ପୂର୍ବରୁ ଟିଏସ୍ଏଫ୍‌ର ସାଥିୟା ତାଲିମ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିଛନ୍ତି, ଯେଉଁଥିରେ କିଶୋରୀକିଶୋରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଆବଶ୍ୟକ ଜ୍ଞାନ ଓ ଦକ୍ଷତା ବିକାଶ ଲାଗି ତାଲିମ ଦିଆଯାଇଛି। ସେହି ମୂଳଦୁଆ ଆଧାରରେ ଜଣେ ଦକ୍ଷ ଲିଡରଙ୍କ ଦ୍ୱାରା ତାଲିମ ଅଧିବେଶନ ଓ ଦଳ ଗଠନ କାର୍ଯ୍ୟ ଉପରେ ଏହି କ୍ୟାମ୍ପରେ ଅଂଶଗ୍ରହଣକାରୀଙ୍କୁ ଟ୍ରେନିଂ ଦିଆଯିବ। ନିଜ ଗ୍ରାମରେ ଲକ୍ଷ୍ୟ କରୁଥିବା ବିଭିନ୍ନ ସମସ୍ୟାର ସମାଧାନ ଲାଗି ଅଂଶ ଗ୍ରହଣକାରୀ ପ୍ରତ୍ୟକ୍ଷ ତାଲିମ ହାସଲ କରିବେ, ଯାହା ସ୍ଥାୟୀ ଗୋଷ୍ଠୀ ବିକାଶ ଲାଗି ଉତ୍ସର୍ଗୀକୃତ ଏକ ସଶକ୍ତ ଯୁବବର୍ଗ ଗଠନ କରିବାରେ ରିସ୍ତାର ଲକ୍ଷ୍ୟକୁ ଆଗକୁ ବଢ଼ାଇବ। ଏହି ଅଭିଯାନ ଯୁବଗୋଷ୍ଠୀଙ୍କ ସମ୍ଭାବନାକୁ ସୁଦୃଢ଼ କରିବା ସହ ସାମାଜିକ ରୂପାନ୍ତରଣକୁ ଆଗକୁ ବଢ଼ାଇବାରେ ଟାଟା ଷ୍ଟିଲ ଫାଉଣ୍ଡେସନର ରହିଥିବା ଦୃଢ଼ ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ। ଯୁବବର୍ଗଙ୍କୁ ଆବଶ୍ୟକ ଦକ୍ଷତା ପ୍ରଦାନ କରି ଏବଂ ନେତୃତ୍ୱ ନେବା ଲାଗି ସେମାନଙ୍କୁ ଅନୁପ୍ରାଣିତ କରି ଟିଏସ୍ଏଫ୍ ଏହାର କାର୍ଯ୍ୟକ୍ଷେତ୍ର ଅଞ୍ଚଳରେ ସକାରାତ୍ମକ ଓ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ଜାରି ରଖିଛି।

## ଭିନ୍ନକ୍ଷମଙ୍କୁ ଉପକରଣ ବଣ୍ଟନ

**ଯାଜପୁର ଟାଉନ,୨୨।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଭଦ୍ରକ ପୁନର୍ବାସ ସେବା ଓ ଥଇଥାନ କେନ୍ଦ୍ର ସହଯୋଗରେ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଉପସ୍ଥିତ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭଦ୍ରକ ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର ସମ୍ପାଦକ ଡା. ଭଗବାନ ପରିଡା, କର୍ମଚାରୀ ମୋନାଲିସା ସୁନ୍ଦରରାୟ, କମଳାକାନ୍ତ ବାରିକ, ରତିକାନ୍ତ ନାୟକ ଓ ଉମେଶ ଚନ୍ଦ୍ର ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା ଶିବିର ପରିଚାଳନା କରିଥିଲେ। ଶିବିରରେ ୧୨ ଟ୍ରାଇ ସାଇକେଲ, ୬ ହୁଇଲ୍ ଚେୟାର, ୧ ସ୍ମାର୍ଟ ଫୋନ, ୧ ହଳ ଶ୍ରବଣ ବାଧିତ ଯନ୍ତ୍ର, ୧ ସିପି ୱାକର, ୧୨ କୃତ୍ରିମ ଅଙ୍ଗ, ୧୦ଯୋଡ଼ା ଆଶାବାଡ଼ି, ୭ କାଲିଫର୍ ଜୋତା, ୩ ରୋଲେଟର, ୩ ୱାକିଙ୍ଗ ଷ୍ଟିକ୍ ଏହିପରି ୪୩ ଭିନ୍ନକ୍ଷମଙ୍କୁ ୫୬ ଉପକରଣ ବଣ୍ଟନ କରାଯାଇଥିଲା। ସଭା ପରିଚାଳନାରେ ଅନ୍ୟ ସହଯୋଗୀ କର୍ମଚାରୀ ସଂଗ୍ରାମ କେଶରୀ ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୋମନାଥ ମଲ୍ଲିକ, ଅନିଲ କୁମାର ସାହୁ, ସାଇ ସୁରଜ୍ ସିଂ, ସ୍ନେହାଶିଷ ମିଶ୍ର, ଭଗବାନ ଜେନା ଓ ଦୀପକ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଜଗନ୍ନାଥ ଯୁବକ ସଂଘର ନୂତନ ଗୃହ ଉଦ୍‌ଘାଟିତ



ଜଗନ୍ନାଥ ଯୁବକ ସଂଘର ନୂତନ ଗୃହ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଯାଜପୁର ସଦର,୨୨।୧୧ (ସମର ବିଜୟ ଶରଣ):** ଯାଜପୁର ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତରେ ଜଗନ୍ନାଥ ଯୁବକ ସଂଘର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଅଶୋକ ଦାସ ଫାଉଣ୍ଡେଶନର ସଚିବ ଭବପ୍ରସାଦ ଦାସ ଉଦ୍‌ଘାଟନ କରିଛନ୍ତି। ତାଙ୍କୁ ସ୍ଥାନୀୟ ଗଜିପାଢ଼ୀ ଛକରୁ ଶତାଧିକ ଯୁବକ ଏକ ବାଇକ ରାଲିରେ ଜମଧର ପଞ୍ଚାୟତର ଗାଇଗୋଠ ପଡ଼ିଆରେ ନିର୍ମିତ ସଂଘର ନୂତନ ଗୃହ ନିକଟକୁ ପାଛୋଟି ନେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବାଦଲ ଖୁଣ୍ଟିଆ, ସମରଜିତ ପୃଷ୍ଟି, ପ୍ରଦୀପ ନାୟକ, ଅନୋ ମାଝୀ, ପୂର୍ବତନ ସରପଞ୍ଚ ସୁମତୀ ମାଝୀ, ଜଗନ୍ନାଥ ଯୁବକ ସଂଘ ସଭାପତି ପ୍ରଭାକର ସେନାପତି, ସମ୍ପାଦକ ତ୍ରିଲୋଚନ ପାଣ୍ଡେ, ବିଦ୍ୟାଧର ସେନାପତି, ଗଦାଧର ମାଝୀ, ପଦିଆ ଦାସ, ପୂର୍ଣ୍ଣଚନ୍ଦ୍ର ଓଝା, ଲକ୍ଷ୍ମୀଧର ଖିଲାର, ସୁବ୍ରତ ରଣା, ରଞ୍ଜିତ ସାହୁ, ଅଜିତ ଖିଲାର, ଗଙ୍ଗାଧର ଦାସ ଓ ମହେଶ୍ୱର ବେହେରାଙ୍କ ସମେତ ଶତାଧିକ ଯୁବକ ଉପସ୍ଥିତ ଥିଲେ।

## ହେଲ୍‌ପିଂ ହ୍ୟାଣ୍ଡ, ମହେଶ୍ୱରପୁର ଯାତ୍ରା କମିଟି ପକ୍ଷରୁ ରକ୍ତଦାନ ଶିବିର



ରକ୍ତଦାନ ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

**ଯାଜପୁର ସଦର,୨୨।୧୧(ସମର ବିଜୟ ଶରଣ):** ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍‌ପିଂ ହ୍ୟାଣ୍ଡ ଓ ମହେଶ୍ୱରପୁର ଯାତ୍ରା କମିଟି ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ପରିଷଦ ସଭ୍ୟା ସୁନିତା ରାଉତ ଓ ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ଶିବିରରେ ୨୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଡା. ହିମାଂଶୁ କୁମାର, ପାର୍ଥସାରଥି ପୁହାଣ, ସିତାଂଶୁ କୁମାର ସ୍ୱାଇଁ, ଅଜୟ କୁମାର ଜେନା, ତରୁଣ କୁମାର ନାୟକ ରକ୍ତ ସଂଗ୍ରହ କରିଥିଲେ। ଦେବରାଜ ବିଶ୍ୱାଳ, ସ୍ୱପ୍ନାରାଣୀ ବେହେରା, ବସନ୍ତ ବେହେରା, ବିନୋଦ ମହାରଣା, ଶତ୍ରୁଜିତ ବେହେରା, ଦିବ୍ୟରଞ୍ଜନ ବଳ, ନଗେନ ମହାନ୍ତି, କମଳ ସାମଲ, ରାଜେଶ ଗୁଇଁ, ଶିବପ୍ରସାଦ ଚାନ୍ଦ, ଶଶାଙ୍କ ଶେଖର ପାଣିଗ୍ରାହୀ, ସୁମନ ବେହେରା, ରଞ୍ଜନ କୁମାର ଚାନ୍ଦ, ପ୍ରଭାତ ଶିଅଳ, ଶିବଶଙ୍କର ଚାନ୍ଦ, ଅନିତା ଶିଅଳ, ଶୁଭ୍ରଜିତ ନାୟକ, ରଞ୍ଜିତ ରାଉତ, ସୌମ୍ୟରଞ୍ଜନ ଆଇଚ, ସଞ୍ଜୀବ ସାମଲ ଓ ରଶ୍ମିକାନ୍ତ ପ୍ରଧାନ ପ୍ରମୁଖ ରକ୍ତଦାନ କରିଥିଲେ। ହେଲ୍‌ପିଂ ହ୍ୟାଣ୍ଡ ସଂଗଠନର ସଦସ୍ୟମାନେ ଶିବିର ପରିଚାଳନା କରିଥିଲେ।

## ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟମେଳା

**କାଏମା,୨୨।୧୧(ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ପଞ୍ଚାୟତରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ହିମାଂଶୁ ଶେଖର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ମେଳାରେ ପାଖାପାଖି ୨୦୭ଜଣ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ରାଜେଶ ପାଲ, ଶ୍ରୀକାନ୍ତ ସାହୁ, ଆଲୋକ ଲେଙ୍କା, ତୀର୍ଥରାଜ ପଣ୍ଡା, ଗୌତମ ସାହୁ, ଅଂଶୁମାନ ରଥ, ଅଭିଷେକ ରାଉତ ଓ ଆୟୁଷ୍ମାନ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶିବିରରେ ଡାଇବେଟିସ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଆଗାମୀ ଦିନରେ ୫୪ ପଞ୍ଚାୟତରୁ ବାକି ରହିଥିବା ପଞ୍ଚାୟତଗୁଡ଼ିକରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି।

## ସମ୍ବିଧାନ ହୀରକ ଜୟନ୍ତୀ ପାଇଁ ସଚେତନତା ରଥ

**ଯାଜପୁର,୨୨।୧୧ (ହର୍ଷବର୍ଦ୍ଧନ ବେହେରା):** ମୂଳନିବାସୀ ୟୁନାଇଟେଡ଼ ଫୋରମ ଯାଜପୁର ତରଫରୁ ସମ୍ବିଧାନର ୭୫ ତମ ରାଜ୍ୟସ୍ତରୀୟ ହୀରକ ଜୟନ୍ତୀ ଅବସରରେ ଏହି ଦିବସଟିକୁ ଗଣପର୍ବ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଗୁରୁବାର ଏକ ସଚେତନତା ରଥ ଯାଜପୁର ଜିଲାର ଧର୍ମଶାଳା, ବିଞ୍ଝାରପୁର, ମଙ୍ଗଳପୁର, ଦଶରଥପୁର, ବରୀ, ବଡ଼ଚଣା, କୋରେଇ, ଦାନଗଦି, ସୁକିନ୍ଦା, ବ୍ୟାସନଗର, ଯାଜପୁର ଅଞ୍ଚଳ ପରିକ୍ରମା କରିଥିଲା । ଏହି ରଥକୁ କୋପଣ୍ଡ, ମୁଣ୍ଡମାଳ, ସିଂହପୁର, ଜରି, ଅରଖପୁର, ଜାରକା ଛକ, ଚଣ୍ଡିଖୋଲ, ହରିପୁର, କୁଆଖିଆ, ପାଣିକୋଇଲି, ଛତିଆ ପ୍ରଭୃତି ଅଞ୍ଚଳରେ ଦୀପ ପୁଷ୍ପ ଦେଇ ସମ୍ବର୍ଦ୍ଧନା ଦିଆଯିବା ସହ ସମ୍ବିଧାନର ସଚେତନତା କରି ସୁରକ୍ଷା ପାଇଁ ୨୬ ନଭେମ୍ବରରେ ଭୁବନେଶ୍ୱର ପିଏମ୍‌ଜି ଛକରେ ହୀରକ ଜୟନ୍ତୀ ବିଶାଳ ସମାବେଶ ସଫଳ କରିବାକୁ ନିବେଦନ କରିଥିଲେ।



ସଚେତନତା ରଥକୁ ସ୍ୱାଗତ କରାଯାଉଛି।

ଫୋରମର ରାଜ୍ୟ କାର୍ଯ୍ୟକାରୀ ଅଧକ୍ଷ ମନୋରଞ୍ଜନ ଜେନା, ଜିଲା ସଭାପତି ଆର୍ତ୍ତତ୍ରାଣ ମଲିକ, ରାଜ୍ୟ କମିଟି ସଭ୍ୟ ପ୍ରତାପ ଦାସ ଓ ସସ୍ମିତା ଜେନା, ଜିଲା ଉପସଭାପତି ଦେବାଦତ୍ତ ଜେନା, ଆମ୍ବେଡ଼କର ଫାଉଣ୍ଡେଶନ ଉପଦେଷ୍ଟା କାର୍ତ୍ତିକ ମଲିକ, ଯୁବ ସମ୍ପାଦକ ବାପି ଜେନା, ଜିଲା ଉପସଭାପତି ଶ୍ରୀଧର ଜେନା, ଆମ୍ବେଡ଼କର ଉନ୍ନୟନ ପରିଷଦ ସଭାପତି ରମେଶ ଜେନା, ଉପସଭାପତି ଉଦୟନାଥ ଜେନା, କୋଷାଧକ୍ଷ ପଦନ ମଲିକ, ଫୋରମ ଜିଲା ଉପସଭାପତି ସହଦେବ ଜେନା ଓ ଦେବଦତ୍ତ ଜେନା, ମିନା ମଲିକ, ମିନତୀ ଜେନା, ସରସ୍ୱତୀ ମଲିକ, ସରସ୍ୱତୀ ଟୁଡୁ, ବିଭୁଦତ୍ତ ମଲିକ, ମାନସୀ ମଲିକ ପ୍ରମୁଖ ଯୋଗଦେଇଥିଲେ । ଅତିଥି ମାନଙ୍କୁ ଶୋଭାଯାତ୍ରାରେ ନିଆଯାଇ ସମ୍ବିଧାନ ସୁରକ୍ଷା ଓ ସଚେତନତାର ଜୟଗାନ କରାଯାଇଥିଲା ।

## ପ୍ରଥମାଷ୍ଟମୀରେ ଖୋଜାପଡ଼େ ହଳଦୀପତ୍ର

**ଚଣ୍ଡିଖୋଲ,୨୨।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି):** ଓଡ଼ିଶାରେ ବାର ମାସରେ ତେର ପର୍ବ। ପ୍ରାୟ ପ୍ରତ୍ୟେକ ପର୍ବ ପର୍ବାଣୀରେ ଭିନ୍ନତା ଦେଖା ଦେଇଥାଏ। ସେଥିମଧ୍ୟରୁ ପ୍ରଥମାଷ୍ଟମି ଏକ ନିଆରା ପର୍ବ ଭାବେ ପରିଗଣିତ ହୁଏ। ଚଳିତବର୍ଷ ଶନିବାର ପ୍ରଥମାଷ୍ଟମି ପଡୁଥିବାରୁ ଗାଁଠୁ ସହର ଓ ବନ୍ଧୁ ବାନ୍ଧବଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ହାଟ ବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଏହି ପର୍ବରେ ଦେଖାଯାଏ ଏକ ନିଆରା ପରମ୍ପରା। ତାହା ହେଉଛି ହଳଦୀ ପତ୍ରରେ ଗଢ଼ା ହୋଇଥିବା ଏଣ୍ଡୁରୀ ପିଠା। କେବଳ ପ୍ରଥମାଷ୍ଟମିରେ ଖୋଜା ପଡ଼େ ହଳଦୀ ପତ୍ର। ହଳଦୀ ପତ୍ରରେ ଉଆପଖିଆ ଚାଉଳରେ ଏଣ୍ଡୁରୀ ପିଠା ତିଆରି କରାଯାଏ। ଯାହାର ବାସ୍ନା ସମ୍ପୂର୍ଣ୍ଣ ଭିନ୍ନ। ପରମ୍ପରା ଅନୁଯାୟୀ ଘରର ଜ୍ୟେଷ୍ଠ ପୁତ୍ରକୁ ସମ୍ମାନ ଜଣାଇ ପୋରୁହାଁ କରାଯାଏ। ପରିବାରର ଜ୍ୟେଷ୍ଠ ଯିଏ ହୋଇଥିବେ ସିଏ ଝିଅ ହେଉ ଅଥବା ପୁଅ ତାଙ୍କୁ ହିଁ ପରୁହାଁ କରାଯାଇ ଥାଏ।



ହଳଦୀ ଶରୀର ପାଇଁ ସ୍ୱାସ୍ଥ୍ୟକାରକ। ସେଥିପାଇଁ ପିଲାଙ୍କୁ ଶୈଶବ ଅବସ୍ଥାରେ ହଳଦୀ ଲଗାଇ ସ୍ନାନ କରାଯାଏ। ଏଥି ସହିତ ମହିଳାମାନେ ମଧ ହଳଦୀ ବ୍ୟବହାର କରିଥାଆନ୍ତି। ହଳଦୀ ପତ୍ରରେ ଔଷଧୀୟ ଗୁଣ ରହିଥିବା ଆୟୁର୍ବେଦିକ ଶାସ୍ତ୍ରରେ ଉଲ୍ଲେଖ ରହିଛି। ଓଡ଼ିଆରେ ଏକ କଥିତ ଢଗ ରହିଛି 'ଯେତେ ପଛେ ଏଣ୍ଡୁରୀ ଖାଅ, କେବେ ନଖାଇବ ମଣ୍ଡା, ଯେତେ ପଛେ ବୁଲାଣି ପଡୁ କେବେ ନ ଛାଡ଼ିବ ଦଣ୍ଡା'। ଯାହାର ଅର୍ଥ ହେଉଛି ଏଣ୍ଡୁରୀ ପିଠା ଯେତେ ଖାଇଲେବି ହଜମ ଶକ୍ତିରେ କିଛି ଅସୁବିଧା ହେବନି। କିନ୍ତୁ ଅଧିକ ମଣ୍ଡା ପିଠାଖାଇଲେ ତାହା ହଜମ ଶକ୍ତିରେ ବ୍ୟାଘାତ ସୃଷ୍ଟି କରିବ। ସେହିଭଳି ରାସ୍ତା ଜାଣି ନ ଥିବା ବ୍ୟକ୍ତି ବୁଲାଣି ପଡୁ ପଛେ ମୁଖ୍ୟ ରାସ୍ତା ଛାଡ଼ିବା ଉଚିତ ନୁହେଁ। ହଳଦୀ ପତ୍ରର ଆବଶ୍ୟକତା କେବଳ ପ୍ରଥମାଷ୍ଟମୀରେ ହିଁ ଦେଖିବାକୁ ମିଳିଥାଏ। ଏହା ପୂର୍ବରୁ ପ୍ରତ୍ୟେକ ବଜାରରେ ହଳଦୀ ପତ୍ର ନିକଟରେ ଭିଡ ଲାଗି ରହିଥାଏ। ହଳଦୀ ପତ୍ର ବିଡ଼ା ପ୍ରତି ୧୦ରୁ ୨୦ ଟଙ୍କାରେ ବିକ୍ରି ହେଉଛି। ଏ ସମ୍ପର୍କରେ ଆୟୁର୍ବେଦିକ ଗବେଷକ ଅନନ୍ତ ଦେବଦର୍ଶୀ କୁହନ୍ତି, ହଳଦୀ ପତ୍ର ଚର୍ମ ଓ ପେଟ ରୋଗ ପାଇଁ ବିଶେଷ ଉପକାରୀ। ଏହା ଶରୀରରେ ହଜମ ଶକ୍ତି ବୃଦ୍ଧି କରିଥାଏ। ତେଣୁ ଏଥିରେ ତିଆରି ଏଣ୍ଡୁରୀ ପିଠା ମଧ୍ୟ ଉପକାରୀ ବୋଲି ସେ ମତ ରଖିଛନ୍ତି।

# ଶିକ୍ଷକଙ୍କୁ ଡେପୁଟେଶନରେ ପଠାଯିବା ବିରୋଧରେ ଗଣଧାରଣା

■ ବିଇଓଙ୍କ ମନମୁଖି କାର୍ଯ୍ୟ ନେଇ ଡିଇଓଙ୍କୁ ଅଭିଯୋଗ
■ ଆନ୍ଦୋଳନ ପାଇଁ ଚେତାବନୀ

ରଘୁନାଥପୁର,୨୨।୧୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ଦେଉଳିସାହିସ୍ଥିତ ସିଦ୍ଧେଶ୍ୱରୀ ସରକାରୀ ଉପ୍ରା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ବେହେରା ଓ ଗୋକୁଳପୁରସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଜିତ କୁମାର ବେହେରାଙ୍କୁ ଚଳିତ ଶିକ୍ଷାବର୍ଷ ମଧ୍ୟ ଭାଗରେ ଅନ୍ୟ ସ୍କୁଲକୁ ଡେପୁଟେଶନରେ ପଠାଯାଇଛି। ଏନେଇ ଦୁଇ ବିଦ୍ୟାଳୟ ସଂଲଗ୍ନ ଗ୍ରାମବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଇଓ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ କରି ଦେଉଳିସାହି ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦିଆଯାଇଛି। ଏଥିସହ ଶିକ୍ଷକ ସଞ୍ଜୟଙ୍କୁ ଫେରେଇ ଆଣିବାକୁ ଦାବି କରାଯାଇଛି। ତାଙ୍କୁ ଫେରାଇ ନ ଆଣିବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଆବଶ୍ୟକ ସ୍କୁଲ ଓ ଅଫିସ କାର୍ଯ୍ୟାଳୟରେ ତାଲା ପକାଇବାକୁ ଧାରଣାକାରୀମାନେ ଚେତାବନୀ ଦେଇଛନ୍ତି। ଏହି ଧାରଣାରେ କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ, ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ, ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ସ୍ଥାନୀୟ ସରପଞ୍ଚ କାଳନ୍ଦୀ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜ୍ୟୋତିକାନ୍ତ ମହାନ୍ତି, ସଦସ୍ୟ ସୁବାସ ଚନ୍ଦ୍ର ବାରିକଙ୍କ ସହ ଅଭିଭାବକମାନେ ସାମିଲ ହୋଇଛନ୍ତି। ସେହିପରି ଗୋକୁଳପୁର ଗ୍ରାମବାସୀଙ୍କ ପକ୍ଷରୁ ଡିଇଓଙ୍କ ନିକଟରେ ଅଭିଯୋଗ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଶିକ୍ଷକ ନ ଥିବାବେଳେ ଚଞ୍ଚକତା କରାଯାଇ ଶିକ୍ଷକ ସୁଜିତ ବେହେରାଙ୍କୁ ଅନ୍ୟତ୍ର ଡେପୁଟେଶନରେ ପଠାଯାଇଛି। ଏନେଇ ଆଲୁମ୍‌ନି ସଭାପତି ବିନୋଦ ବିହାରୀ ମହାନ୍ତି ଓ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ପୁରାତନ ଛାତ୍ର ସଂସଦର ସଦସ୍ୟମାନେ ବିଇଓଙ୍କୁ ଭେଟିବା ସହ ଅପରାହ୍ନରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ସୋମବାର ସୁଦ୍ଧା ଶିକ୍ଷକ ସୁଜିତଙ୍କ ଡେପୁଟେଶନ ନିର୍ଦ୍ଦେଶକୁ ରଦ୍ଦ କରି ତାଙ୍କୁ ପୂର୍ବ ସ୍ଥାନକୁ ଫେରାଇ ଅଣାନଗଲେ ଗ୍ରାମବାସୀ ପକ୍ଷରୁ ଆନ୍ଦୋଳନ କରାଯିବ। ଏଥିପାଇଁ ବ୍ଲକ ଓ ଜିଲା ଶିକ୍ଷାଧିକାରୀ ଦାୟୀ ରହିବେ ବୋଲି ଗୋକୁଳପୁର ଗ୍ରାମବାସୀ ଚେତବାନୀ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଏପରି କରାଯାଇଛି ବୋଲି ବିଇଓ ବିଜୟ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।



ଦେଉଳିସାହି ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

# ମଣ୍ଡିରେ ସ୍ୱଚ୍ଛ, ଶୃଙ୍ଖଳା ଧାନ ସଂଗ୍ରହକୁ ଗୁରୁତ୍ୱ


ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

କୁଜଙ୍ଗ,୨୨।୧୧(ମନୋଜ ପ୍ରଧାନ)

କରାଯିବ ସେସମ୍ପର୍କରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ପ୍ରାଥମିକ ସେବା ସମବାୟ ସମିତି ଆନୁକୂଲ୍ୟରେ ରାହାମା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଶୁକ୍ରବାର ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏହି ଶିବିରରେ ମଣ୍ଡିରେ କିଭଳି ସ୍ୱଚ୍ଛ ଓ ଶୃଙ୍ଖଳା ଧାନ ସଂଗ୍ରହ କରାଯିବ ତା'ଉପରେ ଗୁରୁତ୍ୱ ଦିଆଯାଇଛି। ସେବା ସମବାୟ ସମିତି ସଭାପତି ଅଭୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳରେ ରସାୟନବିତ ସଂଗ୍ରାମ ରାଉତ ଯୋଗଦେଇ ଏଫଏକ୍ୟୁ ଧାନରେ ଆର୍ଦ୍ରତା, କୁଟା କାଠି, ଜୈବିକ ପଦାର୍ଥ, ପୋକ ମରା, ଅପରିପକ୍ୱ ଧାନ ଶତକଡା କେତେ ରହିଲେ ଚଳିବ ସେ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ସମ୍ପାଦକ ଶାରଦା ପ୍ରଧାନ ଚାଷୀଙ୍କୁ ଠିକ୍ ସମୟରେ ଭଲ ଅଖା ଯୋଗାଇଦେବାକୁ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବରରେ ପୂର୍ବତନ ସରପଞ୍ଚ ବିଜୟ ଖଟାଇ, ମୁରଲୀଧର ବେହେରା, ଶ୍ରୀନିବାସ ଜୁଝାରସିଂହ, ରବୀନ୍ଦ୍ର ସ୍ୱାଇଁ, ଗିରିଧାରୀ ସାହୁ, ଅକ୍ଷୟ ବିଶ୍ୱାଳ, ନିର୍ଭୟ ଶୁକ୍ଳ, ଶରତ ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ବାଇକ୍ ମୁହାଁମୁହିଁ ଧକ୍କା: ମହିଳା ଗୁରୁତର

ନାଉଗାଁ,୨୨।୧୧(ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଶିଖର ତିରୁଣା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଶୁକ୍ରବାର ସନ୍ଧ୍ୟାରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ କୋରୁଅ ଗ୍ରାମର ଅନିତା ନାୟକ( ୪୦) ବାଇକ୍‌ରୁ ଛିଟିକି ତଳେ ପଡ଼ି ଯାଇଥିଲେ। ତାଙ୍କ ମୁହଁ ଓ କାନରୁ ପ୍ରଚୁର ରକ୍ତସ୍ରାବ ହୋଇଛି। ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଅନିତାଙ୍କ ବାପଘର ଶିଖର ପଞ୍ଚାୟତର ନଳାଙ୍ଗ ଗ୍ରାମରେ ହୋଇଥିବାବେଳେ ଶାଶୁଘର କୋରୁଅ। ସେ ସ୍ୱାମୀ ଅରୁଣଙ୍କ ସହ ନଳାଙ୍ଗରୁ କୋରୁଅ ଫେରୁଥିବାବେଳେ ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଅନ୍ୟ ଏକ ବାଇକ୍ ଆସି ତାଙ୍କୁ ଧକ୍କା ଦେଇଥିଲା।

# ଧାନ ଗୁଣାତ୍ମକ ମାନ ପରୀକ୍ଷା ପ୍ରଶିକ୍ଷଣ ଶିବିର

ରଘୁନାଥପୁର/ ତିର୍ତ୍ତୋଲ, ୨୨।୧୧ (ରାଜେନ୍ଦ୍ର ସିଂହ/ ଗୌରାଙ୍ଗ ଚରଣ ସ୍ୱାଇଁ)

ରାଜ୍ୟ ସରକାର ଧାନର ସହାୟକ ମୂଲ୍ୟ ୨୧୮୦ରୁ ୩୧୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏଥିସହ ଚାଷୀମାନଙ୍କଠାରୁ କିଣାଯାଉଥିବା ଧାନରେ କଟ୍‌ନି ଛଟ୍‌ନି ଉପରେ ରୋକ ଲଗାଇଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ଚାଷୀମାନଙ୍କୁ ଧାନର ଗୁଣାତ୍ମକ ମାନ ନିର୍ଦ୍ଧାରଣ ପାଇଁ ପ୍ରଶିକ୍ଷଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଜଗତ୍‌ସିଂହପୁର ଜିଲା ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି)ର ସମ୍ପାଦକ ସୂର୍ଯ୍ୟକାନ୍ତ ଦାସଙ୍କ ପୌରୋହିତ୍ୟରେ ରଘୁନାଥପୁର ବ୍ଲକ ସ୍ଥାନୀୟ ଜଗନ୍ନାଥପୁର ପଞ୍ଚାୟତ ମଦନମୋନ ମଠ ପ୍ରାଙ୍ଗଣରେ ପଞ୍ଚାୟତର କିଛି ହାତଗଣତି ଚାଷୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗନ୍ନାଥପୁର ସମବାୟ ସମିତିର ସଭାପତି ଅଜୟ ଦାଶ, ସରପଞ୍ଚ ଜଗବନ୍ଧୁ ମଲ୍ଲିକ, ସମିତିସଭ୍ୟାଙ୍କ ପ୍ରତିନିଧି ଅଶୋକ ବେହେରା, ସୌମ୍ୟରଞ୍ଜନ ମହାନ୍ତି, ସଂଗ୍ରାମ କେଶରୀ ପରିଜା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦାସ ଚାଷୀଙ୍କ ସହ ଧାନର ମାନ ସମ୍ପର୍କରେ ଆଲୋଚନା କରିଥିଲେ।



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ ।

# ଭେଦଭାବ ବିହୀନ ସମାଜ ଗଠନ ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟ ହେଉ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

ରଘୁନାଥପୁର,୨୨।୧୧(ରାଜେନ୍ଦ୍ର ନାରାୟଣ ସିଂହ)

**ରେଢୁଆ ବିସି କଲେଜ**

■ ରମାଦେବୀ,ସର୍ବୋଦୟ ଆନ୍ଦୋଳନ ସମ୍ପର୍କିତ ଆଲୋଚନାଚକ୍ର

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ରମାଦେବୀଙ୍କ ୧୨୫ତମ ଜୟନ୍ତୀ ପାଳନ ଓ ସର୍ବୋଦୟ ଆନ୍ଦୋଳନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥିଭାବେ ଉତ୍କଳ ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ଯୋଗଦେଇ ମା' ରମାଦେବୀଙ୍କ ଆଦର୍ଶବାଦି ଚିନ୍ତାଧାରା ଓ ସର୍ବୋଦୟ ଆନ୍ଦୋଳନରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାଛଡା ଭେଦଭାବ ବିହୀନ ସମାଜ ଗଠନ ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟ ହେଉ ବୋଲି ପରାମର୍ଶ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାରଞ୍ଜନ ସ୍ୱାଇଁ , ମିଳିତ ଓଡିଶା ନିଶା ନିବାରଣ କର୍ମକର୍ତ୍ତା ଇନ୍ଦୁମତି ସାହୁ ଓ ଅଧ୍ୟାପକ ଗଦାଧର ପାଣି ଯୋଗଦେଇ ସର୍ବୋଦୟ ଆନ୍ଦୋଳନରେ ବିନୋବା ଓ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଏବଂ ରାମାଦେବୀଙ୍କ ଅବଦାନ ଉପରେ ବକ୍ତବ୍ୟ ଦେଇଥିଲେ। ସାଲିସ ବିହୀନ ସମାଜ ଗଠନ ପାଇଁ ଛାତ୍ରୀଛାତ୍ରମାନେ ଆଗେଇ ଆସିବାକୁ ଅଧ୍ୟକ୍ଷ ପ୍ରଫେସର ପଣ୍ଡା ଆହ୍ୱାନ କରିଥିଲେ। ଅଧ୍ୟାପକ ପ୍ରତାପ ଲେଙ୍କା ସଭା ପରିଚାଳନା ଓ ଜାତୀୟ ସେବା ଯୋଜନା ଅଧିକାରୀ କେଦାର ମୁଦୁଲି ଧନ୍ୟବାଦ ଦେଇଥିଲେ।

# ୨୪ରେ ମେଗା ସ୍ୱାସ୍ଥ୍ୟ ଶିବିର

ତିର୍ତ୍ତୋଲ,୨୨।୧୧(ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ତିର୍ତ୍ତୋଲ ବ୍ଲକର ଜଗନ୍ନାଥପୁର ତିରଣ ସରକାରୀ ହାଇସ୍କୁଲରେ କିମ୍ସ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ନଭେମ୍ବର ୨୪ରେ ଅନୁଷ୍ଠିତ ହେବ। ଡାକ୍ତର ସି.ବି.କେ ମହାନ୍ତିଙ୍କ ନେତୃତ୍ୱରେ ୧୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଏଥିରେ ଯୋଗଦେଇ ରୋଗୀ ଚିକିତ୍ସା କରିବେ ବୋଲି ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କିମ୍ସର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡ. ହରିଶ୍ ଚନ୍ଦ୍ର ଚୌଧୁରୀ ପ୍ରକାଶ କରିଛନ୍ତି। ସେ କହିଥିଲେ, ଏଠାରେ ରୋଗୀମାନଙ୍କ ପାଇଁ ମାଗଣା ଇସିଜି, ଏକ୍ସରେ, ବ୍ଲଡ୍ ପେସର, ବ୍ଲଡ୍‌ସୁଗାର, ଡାଇବେଟିସ୍, ଇସ୍‌ନଫୁଲିଆ, କୋଲେଷ୍ଟରଲ୍ ଆଦି ପରୀକ୍ଷା କରାଯିବ। ଏହାଛଡ଼ା ଡାକ୍ତରମାନଙ୍କ ଦ୍ୱାରା ପ୍ରେସ୍‌କ୍ରାଇବ୍ ହୋଇଥିବା ସମସ୍ତ ପ୍ରକାର ଔଷଧ ରୋଗୀମାନଙ୍କୁ ମାଗଣାରେ ବଣ୍ଟନ କରାଯିବ। ଏହି ଖବରଦାତା ସମ୍ମିଳନୀରେ ଆର୍ଟ ଅଫ୍ ଗିଭିନ୍ ସଂସ୍ଥାର ମୁଖ୍ୟ ସଂଯୋଜକ ବିଜୟ କୁମାର ସ୍ୱାଇଁ, କିଟ୍ 'ଲ' ଡାଇରେକ୍ଟର ମନୋରଞ୍ଜନ ପ୍ରଧାନ, ପ୍ରଧାନ ଶିକ୍ଷକ ଗଗନଚନ୍ଦ୍ର ସାହୁ, ଆଲୁମନି ସଭାପତି ଜଗନ୍ନାଥ ଖଣ୍ଡୁଆଳ, ଜଗନ୍ନାଥପୁର ସରପଞ୍ଚ ସୁଶାନ୍ତ କୁମାର ନାୟକ, ଆଲୁମନି କବି ବିଭୁସ୍ମିତା ଦାସ, ପ୍ରମୋଦ କୁମାର ସାହୁ, ଜ୍ଞାନରଞ୍ଜନ ପରିଡା, ହାଡ଼ିବନ୍ଧୁ ସୂତାର, ଉତ୍ତମଚରଣ ମହାନ୍ତି ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଶିବିରକୁ ରବିବାର ସକାଳ ୯ଟାରେ କିଟ୍, କିସ୍, କିମ୍ସର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ ।


ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

# ପ୍ରଥମାଷ୍ଟମୀରେ ଖୋଜାପଡ଼େ ହଳଦୀପତ୍ର

ଚଣ୍ଡିଖୋଲ,୨୨।୧୧(ପ୍ରଦୀପ୍ତ ପୃଷ୍ଟି)

ଓଡ଼ିଶାରେ ବାର ମାସରେ ତେର ପର୍ବ। ପ୍ରାୟ ପ୍ରତ୍ୟେକ ପର୍ବ ପର୍ବାଣୀରେ ଭିନ୍ନତା ଦେଖା ଦେଇଥାଏ। ସେଥିମଧ୍ୟରୁ ପ୍ରଥମାଷ୍ଟମି ଏକ ନିଆରା ପର୍ବ ଭାବେ ପରିଗଣିତ ହୁଏ। ଚଳିତବର୍ଷ ଶନିବାର ପ୍ରଥମାଷ୍ଟମି ପଡୁଥିବାରୁ ଗାଁରୁ ସହର ଓ ବନ୍ଧୁ ବାନ୍ଧବଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ହାଟ ବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଏହି ପର୍ବରେ ଦେଖାଯାଏ ଏକ ନିଆରା ପରମ୍ପରା। ତାହା ହେଉଛି ହଳଦୀ ପତ୍ରରେ ଗଢ଼ା ହୋଇଥିବା ଏଣ୍ଡୁରୀ ପିଠା। କେବଳ ପ୍ରଥମାଷ୍ଟମିରେ ଖୋଜା ପଡ଼େ ହଳଦୀ ପତ୍ର। ହଳଦୀ ପତ୍ରରେ ଉଆପଖିଆ ଚାଉଳରେ ଏଣ୍ଡୁରୀ ପିଠା ତିଆରି କରାଯାଏ। ଯାହାର ବାସ୍ନା ସମ୍ପୂର୍ଣ୍ଣ ଭିନ୍ନ। ପରମ୍ପରା ଅନୁଯାୟୀ ଘରର ଜ୍ୟେଷ୍ଠ ପୁତ୍ରକୁ ସମ୍ମାନ ଜଣାଇ ପୋରୁହାଁ କରାଯାଏ। ପରିବାରର ଜ୍ୟେଷ୍ଠ ଯିଏ ହୋଇଥିବେ ସିଏ ଝିଅ ହେଉ ଅଥବା ପୁଅ ତାଙ୍କୁ ହିଁ ପରୁହାଁ କରାଯାଇ ଥାଏ।

ହଳଦୀ ଶରୀର ପାଇଁ ସ୍ୱାସ୍ଥ୍ୟକାରକ। ସେଥିପାଇଁ ପିଲାଙ୍କୁ ଶୈଶବ ଅବସ୍ଥାରେ ହଳଦୀ ଲଗାଇ ସ୍ନାନ କରାଯାଏ। ଏଥି ସହିତ ମହିଳାମାନେ ମଧ୍ୟ ହଳଦୀ ବ୍ୟବହାର କରିଥାଆନ୍ତି। ହଳଦୀ ପତ୍ରରେ ଔଷଧୀୟ ଗୁଣ ରହିଥିବା ଆୟୁର୍ବେଦିକ ଶାସ୍ତ୍ରରେ ଉଲ୍ଲେଖ ରହିଛି। ଓଡ଼ିଆରେ ଏକ କଥିତ ଢଗ ରହିଛି 'ଯେତେ ପଛେ ଏଣ୍ଡୁରୀ ଖାଅ, କେବେ ନଖାଇବ ମଣ୍ଡା, ଯେତେ ପଛେ ବୁଲାଣି ପଡୁ କେବେ ନ ଛାଡ଼ିବ ଦଣ୍ଡା'। ଯାହାର ଅର୍ଥ ହେଉଛି ଏଣ୍ଡୁରୀ ପିଠା ଯେତେ ଖାଇଲେବି ହଜମ ଶକ୍ତିରେ କିଛି ଅସୁବିଧା ହେବନି। କିନ୍ତୁ ଅଧିକ ମଣ୍ଡା ପିଠାଖାଇଲେ ତାହା ହଜମ ଶକ୍ତିରେ ବ୍ୟାଘତ ସୃଷ୍ଟି କରିବ। ସେହିଭଳି ରାସ୍ତା ଜାଣି ନ ଥିବା ବ୍ୟକ୍ତି ବୁଲାଣି ପଡୁ ପଛେ ମୁଖ୍ୟ ରାସ୍ତା ଛାଡ଼ିବା ଉଚିତ ନୁହେଁ। ହଳଦୀ ପତ୍ରର ଆବଶ୍ୟକତା କେବଳ ପ୍ରଥମାଷ୍ଟମୀରେ ହିଁ ଦେଖିବାକୁ ମିଳିଥାଏ। ଏହା ପୂର୍ବରୁ ପ୍ରତ୍ୟେକ ବଜାରରେ ହଳଦୀ ପତ୍ର ନିକଟରେ ଭିଡ ଲାଗି ରହିଥାଏ। ହଳଦୀ ପତ୍ର ବିଡ଼ା ପ୍ରତି ୧୦ରୁ ୨୦ ଟଙ୍କାରେ ବିକ୍ରି ହେଉଛି। ଏ ସମ୍ପର୍କରେ ଆୟୁର୍ବେଦିକ ଗବେଷକ ଅନନ୍ତ ଦେବଦର୍ଶୀ କୁହନ୍ତି, ହଳଦୀ ପତ୍ର ଚର୍ମ ଓ ପେଟ ରୋଗ ପାଇଁ ବିଶେଷ ଉପକାରୀ। ଏହା ଶରୀରରେ ହଜମ ଶକ୍ତି ବୃଦ୍ଧି କରିଥାଏ। ତେଣୁ ଏଥିରେ ତିଆରି ଏଣ୍ଡୁରୀ ପିଠା ମଧ୍ୟ ଉପକାରୀ ବୋଲି ସେ ମତ ରଖିଛନ୍ତି।



# ରାଶନ କାର୍ଡରୁ ବଞ୍ଚିତ ଦିବ୍ୟାଙ୍ଗ ଗଜେନ୍ଦ୍ର

ପ୍ରୀତିପୁର,୨୨।୧୧(ସୁଶାନ୍ତ ବେହୁରିଆ)

ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତ କସବା ଗ୍ରାମର ଦିବ୍ୟାଙ୍ଗ ଗଜେନ୍ଦ୍ର ମଲ୍ଲିକ(୫୦) ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅବିବାହିତ ଥିବା ଗଜେନ୍ଦ୍ର ନିଜର ଦୈନନ୍ଦିନ ଆବଶ୍ୟକତା ପୂରଣ ନିମନ୍ତେ ବଡ଼ ଭାଇଙ୍କ ଉପରେ ନିର୍ଭର କରୁଛନ୍ତି। ଦିନମଜୁରିଆ ଭାବରେ କାର୍ଯ୍ୟ କରୁଥିବା ତାଙ୍କ ବଡ଼ ଭାଇ ରାଜେନ୍ଦ୍ରଙ୍କ ବୟସ ୬୦ ଟପିଲାଣି। ସେ ସବୁବେଳେ ଗଜେନ୍ଦ୍ରଙ୍କ ଭରଣ ପୋଷଣ ତୁଲାଇବା ନିମନ୍ତେ ସକ୍ଷମ ନୁହନ୍ତି। ଗଜେନ୍ଦ୍ର ୭୫ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବାରୁ ସରକାରଙ୍କ ତରଫରୁ ମିଳୁଥିବା ଭତ୍ତା ହିଁ ତାଙ୍କର ଏକମାତ୍ର ସମ୍ବଳ। ମାତ୍ର ରାଶନ କାର୍ଡ ନ ଥିବାରୁ ଚାଉଳ ଓ ଚିକିତ୍ସା ଖର୍ଚ୍ଚ ନିମନ୍ତେ ଗଜେନ୍ଦ୍ରଙ୍କୁ ବାରଦୁଆର ହେବାକୁ ପଡୁଛି। ରାଶନ କାର୍ଡ ଖଣ୍ଡେ ପାଇବା ପାଇଁ ସେ ବର୍ଷବର୍ଷ ଧରି ଆବେଦନ କରୁଛନ୍ତି। ହେଲେ ତାଙ୍କୁ କାର୍ଡ ମିଳି ପାରୁନାହିଁ। ତେଣୁ ଯାଜପୁର ଜିଲାପାଳ ଗଜେନ୍ଦ୍ରଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ରାଶନ କାର୍ଡ ପ୍ରଦାନ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଦଶରଥପୁର ବ୍ଲକ ଯୋଗାଣ ଅଧିକାରୀ ତପସ୍ୱିନୀ ରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

# ଏକାଧିକ ବିଭାଗ ମୁଖ୍ୟ ପଦବୀ ଖାଲି

ଜଗତ୍‌ସିଂହପୁର, ୨୨।୧୧ (ପ୍ରମୋଦ ନାୟକ)

**ଜଗତ୍‌ସିଂହପୁର ଜିଲା**

■ ୬ ମାସ ହେବ ପୂରଣ ହେଉନି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପଦବୀ
■ ଗ୍ରାମ୍ୟ ଉନ୍ନୟନ, ଜଳସେଚନ, କୃଷି ଓ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସେବା ବାଧାପ୍ରାପ୍ତ

ରାଜ୍ୟରେ ନୂଆକରି ଭାଜପା ସରକାର ଚାଲିଛି। ଏହି ସରକାର ଆସିଲା ପରେ ଲୋକଙ୍କ ଭିତରେ ଆଶା ଉଜ୍ଜୀବିତ ହୋଇଥିଲା। କିନ୍ତୁ ଯାହା ଆଶା କରାଯାଉଥିଲା ସେଭଳି ପ୍ରତିଫଳିତ ହେଉ ନ ଥିବା ବାରି ହୋଇପଡ଼ିଛି। କାରଣ ଜିଲାପାଳ ଅନୁପମ ଶାହାଙ୍କ ବଦଳି ପରେ ସଙ୍ଗେସଙ୍ଗେ ନୂଆ ଜିଲାପାଳ ଯୋଗ ଦେଇ ନ ଥିଲେ। ବିଳମ୍ବରେ ହେଉ ବରଂ ନୂଆ ଜିଲାପାଳ ଭାବେ ଜେ. ସୋନାଲ ଯୋଗଦେବା ପରେ ଲୋକଙ୍କ ପ୍ରିୟଭାଜନ ହୋଇଛନ୍ତି। ଅନୁରୂପ ଭାବେ ଏସ୍‌ପି ରାହୁଲ ପିଆର୍‌ଙ୍କ ବଦଳି ପରେ ଭବାନୀ ଶଙ୍କର ଉଦ୍‌ଗାତା ନୂଆ କରି ଏସ୍‌ପି ଭାବେ ଯୋଗଦେଇ ସୁନାମ ଅର୍ଜନ କରିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଜଗତ୍‌ସିଂହପୁର ଖଣ୍ଡ (ଡିଭିଜନ) ଅଧୀକ୍ଷଣ ଯନ୍ତ୍ରୀ ପଦ ପୂରଣ ହୋଇ ନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ୩୧ ମେ'୨୦୨୪ରେ ଅଧୀକ୍ଷଣ ଯନ୍ତ୍ରୀ ନିମାଇଁ ଚରଣ ଦାସ ଅବସର ନେଇଥିଲେ। ସେବେଠାରୁ ୬ ମାସ ହେବ ଏହି ପଦବୀ ଖାଲି ପଡିଛି। ଅସ୍ଥାୟୀ ଭାବେ ଏହି ଦାୟିତ୍ୱରେ ପ୍ରଭାସ କୁମାର ମାଝୀ ଅଛନ୍ତି। ମାଝୀ ନୂଆ ଦାୟିତ୍ୱ ନେଲାବେଳେ ବିଭାଗ କଟକ-୧ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଥିଲେ। ନିକଟରେ ସେ ବିଭାଗର ୬ଟି ଖଣ୍ଡକୁ ନେଇ ଗଠିତ କଟକ ସର୍କଲ କାର୍ଯ୍ୟାଳୟର ଚିଫ କନଷ୍ଟ୍ରକ୍ସନ ଇଞ୍ଜିନିୟର (ସିସିଇ) ପଦକୁ ପଦୋନ୍ନତି ପାଇଛନ୍ତି। ଏବେ ସେ ସିସିଇ ସମେତ କଟକ ୧ ଓ ଜଗତ୍‌ସିଂହପୁର ଡିଭିଜନ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଏତେ ଦାୟିତ୍ୱ ନେଇ ସୁଚାରୁରୂପେ କାର୍ଯ୍ୟ କରିବା ତାଙ୍କ ପକ୍ଷରେ ସମ୍ଭବ ହେଉ ନ ଥିବା କୁହାଯାଉଛି। ଏ ସମ୍ପର୍କରେ ସ୍ଥାନୀୟ ପୂର୍ତ୍ତ ବିଭାଗର ଜଣେ କର୍ମଚାରୀ କହିଛନ୍ତି, ମାଝୀ ସବୁବେଳେ ଜଗତ୍‌ସିଂହପୁର ଆସିବା ସମ୍ଭବ ହେଉ ନ ଥିବାରୁ ଦସ୍ତଖତ କରିବାକୁ ମଝିରେ ମଝିରେ କଟକ ଯିବାକୁ ପଡୁଛି। ଏହାର ସ୍ଥାୟୀ ସମାଧାନ ନ ହେଲେ ପ୍ରଗତି ବାଧାପ୍ରାପ୍ତ ହେବ। କେବଳ ପୂର୍ତ୍ତ ବିଭାଗ ନୁହେଁ ଗ୍ରାମ୍ୟ ଉନ୍ନୟନ ବିଭାଗରେ ମଧ୍ୟ ଅନୁରୂପ ଅବସ୍ଥା। ୨ ମାସରୁ ଅଧିକ ସମୟ ହେବ ଏହି ବିଭାଗ ନିର୍ବାହୀ ଯନ୍ତ୍ରୀ ଅନନ୍ତ ଗୋପାଳ ଶତପଥୀ ଅବସର ନେଇଛନ୍ତି। ଏହା ପରଠାରୁ ଉକ୍ତ ପଦବୀ ଖାଲି ପଡିଛି। ବିଭାଗ ନିମାପଡ଼ା ଖଣ୍ଡ ନିର୍ବାହୀ ଯନ୍ତ୍ରୀ ଅସ୍ଥାୟୀ ଦାୟିତ୍ୱ ତୁଲାଉଛନ୍ତି। ସେ ଅଧିକାଂଶ ସମୟ ଅନୁପସ୍ଥିତ ରହୁଥିବାରୁ କାମ୍ ଠିକ୍ ଭାବେ ହୋଇ ପାରୁନାହିଁ। ଅନେକ ସ୍ଥାନରେ ନିମ୍ନ ମାନର କାମ ସହ ଅର୍ଥ ଚଳୁ ପାଇଁ ଉଦ୍ୟମ ହେଉଛି। ସେହିପରି ନିକଟରେ ଜଳସେଚନ ଖଣ୍ଡ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ ନାୟକଙ୍କ ପଦୋନ୍ନତି ସହ ବଦଳି ହୋଇଯାଇଛି। ଏହି ପଦବୀ ଖାଲି ପଡିଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଜନ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ଅଧୀକ୍ଷଣ ଯନ୍ତ୍ରୀ କିଶୋର କବିଙ୍କ ପଦୋନ୍ନତି ଯୋଗୁ ସେ ନଭେମ୍ବର ୧୮ରେ ଭୁବନେଶ୍ୱରରେ ଯୋଗ ଦେଇଛନ୍ତି। ଏଥିସହ ଜଗତ୍‌ସିଂହପୁର ବିଭାଜନ ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି। ବର୍ଷାଧିକ କାଳ ହେବ ସେ ଜଗତ୍‌ସିଂହପୁରରେ କାର୍ଯ୍ୟରତ ଥାଇ ବିବାଦୀୟ ହୋଇପଡ଼ିଛନ୍ତି। ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମରେ ଏକ ଠିକା କମ୍ପାନୀକୁ ଅହେତୁକ ଅନୁକମ୍ପା ଦେଖାଇଥିବା ଅଭିଯୋଗ ହୋଇଛି। ଫଳରେ ଜିଲାରେ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ସାଧାରଣ ଅସନ୍ତୋଷ ସୃଷ୍ଟି ହେବା ସହ ବିଭିନ୍ନ ସମୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି ଆନ୍ଦୋଳନାତ୍ମକ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। କବିଙ୍କ ପଦୋନ୍ନତି ପରେ ସେ ଜଗତ୍‌ସିଂହପୁର ନ ଛାଡ଼ିବା ପ୍ରକାରାନ୍ତରେ ତାଙ୍କର ଜିଲା ପ୍ରତି ଆକର୍ଷଣ ପ୍ରତିପାଦିତ କରୁଛି। ଏ ସମ୍ପର୍କରେ କବିଙ୍କୁ ପଚାରିବାକୁ ସେ କହିଛନ୍ତି, ରାଜ୍ୟରେ ଏକାଧିକ ପଦବୀ ଖାଲି ଥିବାରୁ ତାଙ୍କୁ ଦୁଇ ପଦବୀର ଦାୟିତ୍ୱ ତୁଲାଇବାକୁ ପଡୁଛି। କିନ୍ତୁ ଜଗତ୍‌ସିଂହପୁରରେ ରହିବା ପଛାରେ କୌଣସି ମନ୍ଦ ଲକ୍ଷ୍ୟ ନାହିଁ। ଅପରପକ୍ଷେ ଜିଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ) ପୂର୍ଣ୍ଣେନ୍ଦୁ ଶେଖର ଆଚାର୍ଯ୍ୟ ଗତ ଅଗଷ୍ଟ ୩୧ ତାରିଖରେ ଅବସର ନେଇଥିଲେ। ତାଙ୍କ ସ୍ଥାନରେ ଏଗ୍ରିକଲଚର ଡିଷ୍ଟ୍ରିକ୍ଟ ଅଫିସର (ଏଡିଓ) ବିଶ୍ୱଜିତ୍ ପଣ୍ଡା ଦାୟିତ୍ୱରେ ଅଛନ୍ତି। ଜିଲାରେ ଯେଉଁ ପଦବୀ ଖାଲି ହେଉଛି ସେଗୁଡିକ ପୂରଣ ହେବାରେ ଯଥେଷ୍ଟ ବିଳମ୍ବ ହେଉଛି। ଏହାଦ୍ୱାରା ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ପେସା ମେକାନିକ, ନିଶା ଚୋରି ୨ ଗିରଫ, ୫ ବାଇକ୍ ଜବତ

ବ୍ରହ୍ମପୁର,୨୨।୧୧(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ରେଳ ଷ୍ଟେସନ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରୁ ବାଇକ୍ ଚୋରି କରୁଥିବା ୨ଜଣିଆ ଗ୍ୟାଙ୍ଗକୁ ସରକାରୀ ରେଳବାଇ ଥାନା ପୋଲିସ(ଜିଆରପି) ଗିରଫ କରିଛି। ସେମାନଙ୍କ ନିକଟରୁ ୫ ଚୋରା ବାଇକ ଜବତ ହୋଇଛି। ଗିରଫମାନେ ହେଲେ ବ୍ରହ୍ମପୁର ତୁଳସୀନଗରର ମନୋଜ ପ୍ରଧାନ(୩୫) ଓ ବଡଖେମୁଣ୍ଡି ସାହିର ପି. ଆଶିଷ କୁମାର(୩୧)। ଏମାନେ ପେସାରେ ମେକାନିକ ହୋଇଥିବା ବେଳେ ସେମାନଙ୍କର ନିଶା ବାଇକ ଚୋରି। ସେମାନେ ଷ୍ଟେଶନରୁ ଗାଡି ଚୋରି କରି ନମ୍ବର ପ୍ଲେଟ ବାହାର କରି ଦେଉଥିଲେ। ସହରରେ ଲାଗିଥିବା ସିସିଟିଭି କ୍ୟାମେରାରେ ଧରା ପଡିଯିବା ଜାଣି ସେମାନେ ଏପରି କରୁଥିଲେ। ପରେ ଉକ୍ତ ଗାଡି ଗୁଡିକ ନିଜର ଗ୍ୟାରେଜକୁ ନେଇ ତାହାର ପାର୍ଟସ ବାହାର କରି ବିକ୍ରି କରୁଥିଲେ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ଉଭୟ ଅଭିଯୁକ୍ତଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଜିଆରପି ଥାନା ଅଧିକାରୀ ବିକାଶ ପଲେଇ ସୂଚନା ଦେଇଛନ୍ତି। ୧୯ ତାରିଖରେ କୈଳାଶଚନ୍ଦ୍ର ନାୟକ ବ୍ରହ୍ମପୁର ରେଳଷ୍ଟେସନକୁ ଯାଇଥିବା ବେଳେ ନିଜ ବାଇକକୁ ଷ୍ଟେସନ ସମ୍ମୁଖରେ ରଖିଥିଲେ । ହେଲେ କିଛି ସମୟ ପରେ ତାଙ୍କ ବାଇକଟି ସେଠାରୁ ଗାଏବ ହୋଇଯାଇଥିଲା । କୈଳାସଙ୍କ ଅଭିଯୋଗ ଅନୁସାରେ ପୋଲିସ ନଂ.୧୩୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରି ପ୍ରଥମେ ଅଭିଯୁକ୍ତ ମନୋଜକୁ ଧରିଥିଲା। ମନୋଜଙ୍କ ବୟାନ ଅନୁସାରେ ଆଶିଷଙ୍କୁ ଧରିଥିଲା। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

### ଟାକରଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପୋଷାକ ବଣ୍ଟନ

ବୁଗୁଡା,୨୨।୧୧(କାଳିଚରଣ ଦାଶ): ବୁଗୁଡା ବ୍ଲକ ଟାକରଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପୋଷାକ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଟାକରଡା ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜିତାଶ୍ରୀ ନାୟକ, ବ୍ଲକ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ ଏବଂ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ଅଭିଭାବକ ଓ ଆମ୍ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

## ସହକାରୀ ଶିକ୍ଷକଙ୍କୁ ଲୁହା ରଡ଼ରେ ପିଟିଲେ ପ୍ରଧାନ ଶିକ୍ଷୟିତ୍ରୀ

### ଦୁଇଦିନ ଧରି ବିଦ୍ୟାଳୟରେ ବନ୍ଦ ରହିଛି ଶିକ୍ଷାଦାନ

ସୋରଡ଼ା,୨୨।୧୧(ରଜନୀ ମହାପାତ୍ର) ଗଞ୍ଜାମ ଜିଲା ସୋରଡ଼ା ଜୟସିଂଗିଁ ଗ୍ରାମରେ ଥିବା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ତାଲା ପଡ଼ିଛି । ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଅଦିତିବାଳା ପଣ୍ଡା ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ରାଧାକାନ୍ତ ରଞ୍ଜିତଙ୍କୁ ଲୁହା ଛଡ଼ରେ ପିଟିଥିବା ଘଟଣାକୁ ନେଇ ପ୍ରତିବାଦ କରାଯାଇଛି।

ପ୍ରଧାନଶିକ୍ଷୟିତ୍ରୀ ଅଦିତି ୬ ମାସ ହେଲା ଦାୟିତ୍ୱ ନିର୍ବାହ କରୁଛନ୍ତି। ସେ ଦାୟିତ୍ୱ ନେବା ପରଠାରୁ ବିଦ୍ୟାଳୟରେ ବହୁ ବିବାଦ ଦେଖାଦେଲାଣି ବୋଲି ଅଭିଯୋଗ ହୋଇଛି। ଶିକ୍ଷକ ରାଧାକାନ୍ତ ଚଳିତ ମାସ ୧୯ରେ ଗୋଟିଏ ଦିନ ୨୦ ତାରିଖ ପାଇଁ ଛୁଟି ଦରଖାସ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦେଇଥିଲେ। କିନ୍ତୁ ୨୧ରେ ସେ ଦେଖିଲା ବେଳକୁ ଉପସ୍ଥାନ ଖାତାରେ ପ୍ରଧାନ ଶିକ୍ଷୟିତ୍ରୀ ଲାଲ ରଙ୍ଗର ଗାର ଟାଣଛନ୍ତି। ଏ ବିଷୟରେ ତାଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଉତ୍‌କ୍ଷିପ୍ତ ହୋଇ ଏକ ସ୍କୁଲ ବେଲ୍‌ରେ ଲାଗିଥିବା ଲୁହାରଡ଼ରେ ଶିକ୍ଷକ ରାଧାକାନ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିବା ଶିକ୍ଷକ ଜଣଙ୍କ ଲିଖିତ ଅଭିଯୋଗ କରିଛନ୍ତି। ରାଧାକାନ୍ତ ଏନେଇ ଗ୍ରାମର ସଭାପତି ଓ କମିଟି ସଦସ୍ୟଙ୍କୁ ଜଣାଇବା ସହ ଗୋଷ୍ଠୀ ଶିକ୍ଷାଧିକାରୀ ଓ ପରେ ସୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଲୋକେ ଏବଂ ଛାତ୍ରୀଛାତ୍ର ବିଦ୍ୟାଳୟରେ ତାଲା ପକାଇ ଫାଟକ ସମ୍ମୁଖରେ ଧାରଣାରେ ବସଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସହକାରୀ ଶିକ୍ଷକମାନଙ୍କୁ ଜାତିଆଣି ଭେଦଭାବ ରଖି ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ସ୍ଥିତି ଏଭଳି ହୋଇଛି, ଉପରିସ୍ଥ ଅଧିକାରୀଙ୍କଠାରୁ ଆରମ୍ଭ କରି ପୋଲିସ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡ଼ଛି। ଦୁଇଦିନ ଧରି ବିଦ୍ୟାଳୟର ଶିକ୍ଷାଦାନ ବନ୍ଦ ରହିଛି। ଏ ସମ୍ପର୍କରେ ବହୁବାର ସୋରଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣାଇ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସେ ଘଟଣାକୁ ଅସ୍ୱୀକାର କରିବା ସହ ମୁଁ ମାଡ଼ ମାରିନାହିଁ ବୋଲି କହିଛନ୍ତି। ଶିକ୍ଷକ ରାଧାକାନ୍ତଙ୍କୁ ପଚାରିବାରୁ ସେ କହିଲେ, ପ୍ରଧାନଶିକ୍ଷୟିତ୍ରୀ ତାଙ୍କୁ ଜାତିଆଣ ମନୋଭାବ ରଖି ଗାଳିଗୁଲଜ କରିଛନ୍ତି। ମୋ ମୋବାଇଲ ଫୋନ ଭାଙ୍ଗିଦେଇ ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରୁଥିବା ଗ୍ରାମବାସୀ ଓ ଛାତ୍ରୀଛାତ୍ର।

## ୧୦୪ ଜଣଙ୍କୁ ଜଙ୍ଗଲ ଜମିପଟ୍ଟା




ଅଧିକାରୀମାନେ ଜଣେ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରୁଛନ୍ତି।

ରାଇକିଆ,୨୨।୧୧(ପ୍ରଦୀପ ବେହେରା) କନ୍ଧମାଳ ଜିଲା ରାଇକିଆ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ରଣବା ପଞ୍ଚାୟତରେ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତହସିଲଦାର ସୁଶ୍ରୀ ସୁଭଦ୍ରା ମୁଣ୍ଡିକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୦୪ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ସହ ଜଙ୍ଗଲ ଅଧିକାର ଆଇନ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏମାନେ ୨୦୦୮ରୁ ଜଙ୍ଗଲ ଜମି ପଟ୍ଟା ପାଇବା ନେଇ ଦାବି କରି ଆସୁଥିଲେ। ପଟ୍ଟା ପାଇଥିବା ଜମିରେ ଜମି ଉନ୍ନତୀକରଣ, ଫଳ ଗଛ, ପନିପରିବା ଓ ବିଭିନ୍ନ ଚାରାରୋପଣ କରି ଜୀବନ ଜୀବିକାରେ ଉନ୍ନତି ଆଣିବାକୁ ସମସ୍ତଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ବନିତା କୁମାରୀ ମଲ୍ଲିକ, ନାଏବ ସରପଞ୍ଚ ଶ୍ରୀକାନ୍ତ ବିଷୋୟୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉର୍ମିଳା ପ୍ରଧାନ, ସୁପରଭାଇଜର ଗୋଲକ ବିହାରୀ ସାମନ୍ତସିଂହାର କର, ରାଜସ୍ୱ ନିରୀକ୍ଷକ ରବୀନ୍ଦ୍ର ମେହେର, ଏଫଆର ସେଲ୍ ସଂଯୋଜକ ଗଣେଶ ପ୍ରଧାନ ଓ ବସୁନ୍ଧରା ଅନୁଷ୍ଠାନର ସଂଯୋଜକ ହୃଷୀକେଶ ପ୍ରଧାନ ଉପସ୍ଥିତ ଥିଲେ।

## ୨୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ

### ସାଧୁସନ୍ଥଙ୍କ ଭିଡ଼, ସୁରକ୍ଷା ପାଇଁ ୪ ପ୍ଲାଟୁନ ପୋଲିସ ମୁତୟନ

ଭଞ୍ଜନଗର,୨୨।୧୧(ବାବୁଲା ପ୍ରଧାନ): ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଶୁକ୍ରବାରଠାରୁ ୨୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ସକାଳେ ଯଜ୍ଞ କମିଟି ସଭାପତି ତଥା ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ବେଡିଗୋବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସେଠାରୁ ଆଜ୍ଞାମାଳ ଧରି ଭଞ୍ଜନଗର ଆସିଥିଲେ। ଏହାପରେ ସ୍ଥାନୀୟ ଲୋହରାଖଣ୍ଡି ନଦୀରୁ ୧୦୦୮ ମହିଳା କଳସ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ପରେ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ସାଧୁସନ୍ଥଙ୍କ ସମେତ ବିଧାୟକ ନାୟକ, ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଆନୁଷ୍ଠାନିକ ଭାବେ ଯଜ୍ଞ ଆରମ୍ଭ ହୋଇଛି। ଯଜ୍ଞରେ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ସାଧୁସନ୍ଥ ଯୋଗ ଦେଇଛନ୍ତି। ଏଥିସହ ଯଜ୍ଞ ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ଆସୁଛନ୍ତି। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ବିଭିନ୍ନ ଦିବସରେ ଅନ୍ନଯଜ୍ଞ, ଜ୍ଞାନଯଜ୍ଞ, ଘୃତଯଜ୍ଞ, ଗୋଯଜ୍ଞ, ନାମଯଜ୍ଞ ହେବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ କର୍ମଚାରୀ ସହଯୋଗ କରୁଛନ୍ତି। ଶାନ୍ତି ଶୃଙ୍ଖଳା ପାଇଁ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛି। ଏଏସପି ରଞ୍ଜନ କୁମାର ଦେ, ଏସଡିପିଓ ସୁଜିତ୍ ନାୟକ, ଥାନା ଅଧିକାରୀ କୁମର ମୁଦୁଲି ପ୍ରତ୍ୟକ୍ଷ ଭାବେ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି । ଅପରପକ୍ଷେ ସନ୍ଧ୍ୟାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମହାଯଜ୍ଞରେ ଯୋଗଦେଇ କାର୍ଯ୍ୟକ୍ରମ ଉପରେ ବିଧାୟକ ନାୟକଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟ ଦିବସଗୁଡିକରେ ମନ୍ତ୍ରୀ, ବିଧାୟକ, ଏମପି ପ୍ରମୁଖ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି।



କଳସ ଶୋଭାଯାତ୍ରାରେ ଯାଉଥିବା ମହିଳା।

## ଦୋଳବନ୍ଧର ଉନ୍ନତୀକରଣ ପାଇଁ ଭୂମି ପୂଜା

ପାରଳାଖେମୁଣ୍ଡି,୨୨।୧୧ (ଗିରିଧାରୀ ପରିଛା) ପାରଳାଖେମୁଣ୍ଡି ଠାରେ ଥିବା ପୁରାତନ ଦୋଳବନ୍ଧର ଉନ୍ନତୀକରଣ ପାଇଁ ଭୂମିପୂଜା ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ବନ୍ଧ ବହୁ ବର୍ଷ ହେଲା ଶୋଚନୀୟ ହୋଇପଡିଥିଲା। ଏନେଇ ତତ୍କାଳୀନ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ପରେ ପୌର ପ୍ରଶାସନ ତତ୍ପରତା ଦେଖାଇ ଏହାର ଉନ୍ନତୀ କରଣ ପାଇଁ ୧୯ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ମଞ୍ଜୁର କରିଥିଲା। ଶୁକ୍ରବାର ଏହାର ଭୂମି ପୂଜା ହୋଇଛି। ଏଥିରେ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ପୌରଯନ୍ତ୍ରୀ ଡି.ଯୁଧିଷ୍ଠିର, ସ୍ଥାନୀୟ କାଉନସିଲର ସୁରଜିତ ତ୍ରିପାଠୀ, ଦୋଳବନ୍ଧ କମିଟିର ସଭାପତି ବିନୋଦ ଚନ୍ଦ୍ର ଜେନାଙ୍କ ସମେତ ରାଜେନ୍ଦ୍ର ବେହେରା, ଦେବେନ୍ଦ୍ର ମିଶ୍ର, ରମେଶ ଚନ୍ଦ୍ର ହୋତା ପ୍ରମୁଖ ଯୋଗଦେଇଥିଲେ। ଦୋଳବନ୍ଧ କମିଟିର ପରାମର୍ଶ ପ୍ରକାରେ ପଙ୍କ ଉଦ୍ଧାର, ମରାମତି, ସୌନ୍ଦର୍ଯ୍ୟକରଣ ଆଦି କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, ଏହି ବନ୍ଧ ବା ପୋଖରୀ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହେବାରେ ଲାଗିଥିଲା। ୨୦୦୯ରେ ଏହାର ପୁନରୁଦ୍ଧାର କରାଯାଇଥିଲା। ଫଳରେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ହେବା ସହ ଜଳ ଭର୍ତ୍ତି ହୋଇ ରହିଥିଲା। ଲୋକେ ବୋଇତ ବନ୍ଦାଣ ଆଦି କରୁଥିଲେ। କିନ୍ତୁ ୨୦୧୯ରେ କମିଟିଠାରୁ ଏହାର ଦାୟିତ୍ୱ ପୌରପରିଷଦ ନେଇଯାଇଥିଲା। ପୌର ପରିଷଦ ଆଉ ରକ୍ଷଣାବେକ୍ଷଣ କରି ନ ପାରିବାରୁ ଦୋଳବନ୍ଧ ଅବସ୍ଥା ଶୋଚନୀୟ ହୋଇପଡିଥିଲା।

### ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

## କୃଷକର ଉନ୍ନତି ହେଲେ ଦେଶର ବିକାଶ ହେବ



ମନ୍ତ୍ରୀ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନ କରୁଛନ୍ତି।

ଛତ୍ରପୁର,୨୨।୧୧
(ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ)

ରାଜ୍ୟ ସରକାର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କୃଷକମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଛତ୍ରପୁର ଅନସ୍ଲୋ ହାଇସ୍କୁଲ ଖେଳପଡ଼ିଆ ଠାରେ ଶୁକ୍ରବାର ତିନି ଦିନିଆ ଛତ୍ରପୁର ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ଡା.ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା, ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, କୃଷି ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଶଙ୍କରର୍ଷଣ ମଲିକ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁଜିତ କୁମାର ନାଥ, ସୁରେନ୍ଦ୍ର କୁମାର ମଲିକ ଓ କୁଳମଣି ବାରିକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇ କୃଷକର ଉନ୍ନତି ହେଲେ ଦେଶର ବିକାଶ ହେବ ବୋଲି କହିଥିଲେ। ଏହି ମେଳାରେ କୃଷି ସମ୍ବନ୍ଧୀୟ ୨୬ଟି ଷ୍ଟଲ ଖୋଲାଯାଇଛି। ଏଥିରେ ଉପଖଣ୍ଡସ୍ତରରେ ୮ଟି ବ୍ଲକର କୃଷକ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ଯୋଗ ଦେଇଥିଲେ।

## ଭୀମ ଭୋଇ ସାମର୍ଥ୍ୟ ଶିବିର

ତୁମୁଡିବନ୍ଧ,୨୨।୧୧(ଦୀପକ କୁମାର ପରାସେଠ) କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବେଲଘର ଉଚ୍ଚ ବିଦ୍ୟାଳୟ ଠାରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ତୁମୁଡିବନ୍ଧ ବ୍ଲକ ଓ ଅନ୍ୟାନ୍ୟ ବ୍ଲକ ଅଞ୍ଚଳର ଭିନ୍ନକ୍ଷମ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉନ୍ନୟନ ଅଧିକାରୀ ବନ ବିହାରୀ ହର୍ପାଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା ଓ ତୁମୁଡିବନ୍ଧ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର ଡାକ୍ତରମାନେ ଆସି ଚିକିତ୍ସା କରି ଚିହ୍ନଟ କରିଥିଲେ। ଉକ୍ତ ଶିବିରରେ ୧୦୨ଜଣଙ୍କ ପଞ୍ଜିକରଣ କରାଯାଇଥିଲା। ସେଥିମଧ୍ୟରୁ ୭୦ଜଣଙ୍କୁ ଚିହ୍ନଟ କରାଯାଇଛି। ୩୨ଜଣ ନାକଚ ହୋଇଥିଲେ। ୫ଜଣ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ଦିଆଯାଇଛି। ୩ଜଣଙ୍କୁ ଶ୍ରବଣ ଶକ୍ତି ଯନ୍ତ୍ର ଓ ୩ଜଣଙ୍କୁ ଆଶା ବାଡ଼ି ଓ ୩ଜଣଙ୍କୁ ଭତ୍ତା ମଞ୍ଜୁର କରାଯାଇଥିବା ନେଇ ତୁମୁଡିବନ୍ଧ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟ ରଞ୍ଜନ ସାହୁ କହିଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ଶୁଭଖୁଣ୍ଟି ସ୍ଥାପନ



ଶୁଭଖୁଣ୍ଟି ସ୍ଥାପନ ପାଇଁ ପୂଜାର୍ଚ୍ଚନା ଚାଲିଛି।

ପୋଲସରା,୨୨।୧୧(ସୁବ୍ରତ ବେହେରା): ପୋଲସରା କଲେଜ ଛକ ପଡ଼ିଆରେ ଆସନ୍ତା ୯ ତାରିଖଠାରୁ ପାଞ୍ଚଦିନ ବ୍ୟାପୀ ହେବାକୁ ଥିବା ଶ୍ରୀଜଗନ୍ନାଥ ପାଞ୍ଚ ରାତ୍ର ଓ ପାଞ୍ଚ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଶୁକ୍ରବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏହି ଅବସରରେ ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ଶ୍ରୀକ୍ଷେତ୍ରରୁ ଆସିଥିବା ପତିତପାବନ ଧ୍ୱଜା ସହ ଘଣ୍ଟ ମୃଦଙ୍ଗ ଓ ପଣ୍ଡିତମାନଙ୍କ ଦ୍ୱାରା ବେଦପାଠ ଓ ହୋମ ଆଦି ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।

## କାରିଗରଙ୍କ ଉତ୍ପାଦ ବିଶ୍ୱସ୍ତରୀୟ ମୂଲ୍ୟ ଶୃଙ୍ଖଳ ସୁନିଶ୍ଚିତ କରିବା ଲକ୍ଷ୍ୟ

### ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ କର୍ମଶାଳା

ପାତ୍ରପୁର, ୨୨।୧୧(ଉମା ଚରଣ ନେପାକ) ଦକ୍ଷତା ବିକାଶ ଏବଂ ଶ୍ରମରୁ ସମୃଦ୍ଧି ମାଧ୍ୟମରେ ଏକ ଉନ୍ନତ ଭବିଷ୍ୟତ ସୃଷ୍ଟି କରିବାକୁ ସଂକଳ୍ପ ନେବା ଏବଂ ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ବାସ୍ତବରେ ପରିଣତ କରି ବୟନ ଶିଳ୍ପକୁ ବିଶ୍ୱ ବଜାରର ଶୀର୍ଷରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଦୁଇଦିନିଆ ପିଏମ୍ ବିଶ୍ୱକର୍ମା ଯୋଜନାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁରସ୍ଥିତ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ କାର୍ଯ୍ୟାଳୟ ଓ ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଜରଡ଼ା ନିକଟସ୍ଥ ପାର୍ଥସାରଥି ଧାମରେ ଏହି କର୍ମଶାଳା ହୋଇଛି। କେନ୍ଦ୍ରୀୟ ସଞ୍ଚାର କାର୍ଯ୍ୟାଳୟର ସହକାରୀ ଅଧିକାରୀ ଜୀବନ ସାମନ୍ତସିଂହାର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପାତ୍ରପୁର ବ୍ଲକ ଅଧ୍ୟକ୍ଷା ୱାଇ. ସଂଯୁକ୍ତା, ସରପଞ୍ଚ ତିଳ ବେହେରା, ଜିଲ୍ଲା ଶିଳ୍ପକେନ୍ଦ୍ରର ବରିଷ୍ଠ ଅଧିକାରୀ ହୃଷୀକେଶ ବେହେରା, ସହକାରୀ ଶିଳ୍ପାଞ୍ଚଳ ଅଧିକାରୀ ରଶ୍ମିରାଣୀ ସିଂ, ସାମାଜିକ କର୍ମୀ କାଳୀ ପ୍ରସାଦ ପଣ୍ଡା, ଆନନ୍ଦ ବେହେରା ଆଇସିଡିଏସ୍ ସୁପରଭାଇଜର ସୁଭାଷିନୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। କାରିଗର, ଶିଳ୍ପୀମାନଙ୍କ ଉତ୍ପାଦ ଏବଂ ସେବାର ଗୁଣବତ୍ତାରେ ଉନ୍ନତି ଆଣି ବିଶ୍ୱସ୍ତରୀୟ ମୂଲ୍ୟ ଶୃଙ୍ଖଳ ସୁନିଶ୍ଚିତ କରିବା ହେଉଛି ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ମୂଳ ଲକ୍ଷ୍ୟ। ଏହି ଯୋଜନା ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୧୮ଟି ବର୍ଗର ପାରମ୍ପରିକ କାରିଗରି ହସ୍ତଶିଳ୍ପକୁ ଅନ୍ତର୍ଭୁକ୍ତ କରାଯାଇଥିବା ବିଧାୟକ ସୂଚନା ଦେଇଥିଲେ। ଜିଲା ଶିଳ୍ପାଞ୍ଚଳର ବରିଷ୍ଠ ଅଧିକାରୀ ହୃଷୀକେଶ ବେହେରା ଯୋଜନାରେ ହିତାଧିକାରୀ କିପରି ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବେ, ଏହାପରେ ଉକ୍ତ ଆବେଦନକୁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ କିପରି ଆବେଦନ କରିବେ, କେଉଁମାନେ ଏହି ଯୋଜନାରେ ଆବେଦନ କରିପାରିବେ, ହିତାଧିକାରୀ ଏହି ଯୋଜନାରେ କ'ଣ ଲାଭ ପାଇବେ ସେନେଇ ସୂଚନା ଦେଇଥିଲେ। ଜରଡା ପଞ୍ଚାୟତର ବିଭିନ୍ନ ମହିଳା ସଙ୍ଗଠନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାଧବ ବାଡ଼ତ୍ୟା ପରିଚାଳନା କରିଥିଲେ। ପ୍ରମୋଦ ସାବତ, ଜିଆର୍‌ଏସ୍ ରଞ୍ଜିତା ପାତ୍ର, ଯୋଗାଣ ସହାୟକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## କ୍ଲଷ୍ଟରସ୍ତରୀୟ ପ୍ରଶିକ୍ଷଣ ଶିବିର

ଚିକିଟି,୨୨।୧୧ (ପ୍ରକାଶ ଚନ୍ଦ୍ର ସାହୁ) ଚିକିଟି ବ୍ଲକ ଅନ୍ତର୍ଗତ କରବଲୁଆ ଏନଏସି କ୍ଲଷ୍ଟରରେ ସିଆରସିସି ମିନତି କୁମାରୀ ପାଠୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପେଣ୍ଠ ଉଚ୍ଚବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ବିଆରସିସି ନିଗମାନନ୍ଦ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୀମାଞ୍ଚଳ ପଣ୍ଡା, ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି, ନଭେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର ଓ ନମୁନା ପାଠ୍ୟ ଯୋଜନା, ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଶ୍ରେଣୀ କାର୍ଯ୍ୟକ୍ରମ ଏବଂ ତା'ର ସଫଳ ପରିଚାଳନା, ରାଷ୍ଟ୍ରୀୟ ସର୍ବେକ୍ଷଣ, କ୍ୟାରିୟର ମାର୍ଗଦର୍ଶନ ପୋର୍ଟାଲ ପ୍ରଭୃତି ଉପରେ ଆଲୋଚନା ହୋଇଥିଲା। ନୋଡାଲ ହାଇସ୍କୁଲ ଚିକିଟି ପେଣ୍ଠ, ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କରବଲୁଆ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଣ୍ଡିରୀ, ବାଳିକା ପ୍ରାଥମିକ ବିଦ୍ୟାଳୟ ଚିକିଟି ପେଣ୍ଠ, ପ୍ରାଥମିକ ବିଦ୍ୟାଳୟ ବଡ଼ ଗାଁ, ଭୋଳାସିଙ୍ଗି, କୋଳଥିଆ, ଲିଆଖାଇ ଏବଂ କୁମ୍ଭକାର ସାହିରୁ ପ୍ରଧାନ ଶିକ୍ଷକଙ୍କ ସହ ଏଫଏଲଏନ୍ ଶ୍ରେଣୀ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ଅପହରଣ ସନ୍ଦେହରେ ଆନ୍ଧ୍ର ପୋଲିସକୁ ଘେରିଲେ ଲୋକେ



ଘଟଣାସ୍ଥଳରେ ପୋଲିସ ଓ ଜନସାଧାରଣ।

ପାରଳାଖେମୁଣ୍ଡି,୨୨।୧୧(ଗିରିଧାରୀ ପରିଛା) ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ଗୁରୁବାର ବିଳମ୍ବିତ ରାତିରେ ଗୌଡ ସାହି ଛକ ନିକଟରୁ ଆନ୍ଧ୍ର ପୋଲିସର ଏକ ୪ଜଣିଆ ଟିମ ହଠାତ ଗୌଡ ସାହି ଭିତରେ ପଶି କକ ପାଣିଗ୍ରାହୀ ନାମକ ଜଣେ ଯୁବକଙ୍କୁ ନିଜ ଘରୁ ଜବରଦସ୍ତ ଉଠାଇ ନେଉଥିଲେ। ଏହି ସମୟରେ ସାହିର କେତେ ଜଣ ଯୁବକ କୌଣସି ଜଣେ ଅପହରଣକାରୀ ବୋଲି ସନ୍ଦେହ କରି ଆନ୍ଧ୍ର ପୋଲିସ ଗାଡିକୁ ଅଟକାଇ ପଚରାଉଚରା କରିଥିଲେ। ଏହି ସମୟରେ ସେଠାରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଗୌଡ ସାହି ଛକରେ ଶତାଧିକ ଲୋକ ଜମା ହୋଇ ଆନ୍ଧ୍ର ପୋଲିସ କବଳରୁ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗାଡିରୁ ଜବରଦସ୍ତ ନେଇ ଆସିବାକୁ ଉଦ୍ୟମ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିଯୋଗୁ ଉକ୍ତ ରାସ୍ତାରେ ଗାଡ଼ିମୋଟର ଚଳାଚଳ ବନ୍ଦ ହୋଇଯାଇଥିଲା। ବହୁ ସଂଖ୍ୟାରେ ଗାଡି ଦୀର୍ଘ ସମୟ ଧରି ଅଟକି ରହିଥିଲା। କକଙ୍କୁ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଜବରଦସ୍ତ ଆନ୍ଧ୍ର ପୋଲିସ ନେଇଯିବାକୁ ଉଦ୍ୟମ କରିଥିଲା। ତେବେ ଏ ସମ୍ପର୍କରେ ସ୍ଥାନୀୟ ପୋଲିସକୁ ଆନ୍ଧ୍ର ପୋଲିସ ଜଣାଇ ନ ଥିଲା। ସ୍ଥାନୀୟ ଲୋକେ ଅପହରଣକାରୀ ସନ୍ଦେହରେ ଆନ୍ଧ୍ର ପୋଲିସକୁ ଘେରିବାରୁ ପରିସ୍ଥିତି ଜଟିଳ ହୋଇଥିଲା। ତେବେ ଗୌଡସାହି ଛକରେ ଏପରି ସ୍ଥିତି ସମ୍ପର୍କରେ ସୂଚନା ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଆନ୍ଧ୍ର ପୋଲିସ କବଳରୁ ଉଦ୍ଧାର କରି ସମ୍ପୃକ୍ତ ଯୁବକ କକଙ୍କୁ ପାରଳାଖେମୁଣ୍ଡି ଥାନାକୁ ନେଇଯାଇଥିଲା। ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିବାରୁ ସମ୍ପୃକ୍ତ ଯୁବକ ଜଣକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ସଂଶ୍ଳିଷ୍ଟ ଥାଇ ପୂର୍ବରୁ ଗିରଫ ହୋଇଥିଲେ। ଏବେ ସେ ଜାମିନରେ ଆସିଛନ୍ତି। ପୁଣି ଥରେ ଆନ୍ଧ୍ରର ଜଣେ ଅଭିଯୁକ୍ତଙ୍କୁ ଗଞ୍ଜେଇ ବିକ୍ରିକରି ଥିବା ଜଣାପଡିବା ପରେ ଆନ୍ଧ୍ର ପୋଲିସ ତାଙ୍କୁ ଗିରଫ କରିବାକୁ ଏଠାକୁ ଆସିଛି। କକଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ହାସଲ ପରେ ପାରଳା ଖେମୁଣ୍ଡି ପୋଲିସ ଆନ୍ଧ୍ର ପୋଲିସକୁ ତାଙ୍କୁ ହସ୍ତାନ୍ତର କରିଥିଲା। ସୂଚନାଯୋଗ୍ୟ, ଆନ୍ଧ୍ର ପୋଲିସ ଯେକୌଣସି ସମୟରେ କୌଣସି ମାମଲାର ତଦନ୍ତ ପାଇଁ ପାରଳା ଖେମୁଣ୍ଡି ଆସୁଛି, ସେ ସମୟରେ ସ୍ଥାନୀୟ ପୋଲିସକୁ ଖବର ଦେଉନାହିଁ। ନିକଟରେ ଜଣେ ଅଭିଯୁକ୍ତଙ୍କୁ ଧରି ଆସି ସ୍ଥାନୀୟ ପୋଲିସକୁ ନ ଜଣାଇ ତାକୁ ନେଇ ହୋଟେଲରେ ରଖିଥିଲେ। ସେଠାରୁ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିଲେ। ଏନେଇ ସୂଚନା ପାଇବା ପରେ ସ୍ଥାନୀୟ ପୋଲିସ ଆନ୍ଧ୍ର ପୋଲିସକୁ ସହାୟତା କରିଥିଲା। ସେହିପରି ଅନ୍ୟ ଏକ ସୁନା ଦୋକାନ ଯାଞ୍ଚ ମାମଲାରେ ଆନ୍ଧ୍ର ପୋଲିସ ପାରଳା ଖେମୁଣ୍ଡି ଆସିଥିଲେ ମଧ୍ୟ ସ୍ଥାନୀୟ ପୋଲିସକୁ ଜଣାଇ ନ ଥିଲା। ଆନ୍ଧ୍ର ପୋଲିସର ଏପରି ବାରମ୍ବାର ପାରଳା ଖେମୁଣ୍ଡି ପୋଲିସକୁ ଉପେକ୍ଷା କରିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଉଛି।

# ପିଲାଙ୍କ ପରିବାରର ଅଧିକାର ଉପରେ ଗୁରୁତ୍ୱାରୋପ

## ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ ଉପରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ

ଯାଜପୁର ଟାଉନ,୨୨।୧୧ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ ୨୦୨୨ ଓ ଜୁଭେନାଇଲ ଜଷ୍ଟିସ୍ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଉପରେ ଜିଲାସ୍ତରୀୟ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟସ୍ତରରେ ନଭେମ୍ବରକୁ ପୋଷ୍ୟ ସନ୍ତାନ ଗ୍ରହଣ ମାସ ରୂପେ ପାଳନ କରାଯାଇଥାଏ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ପୋଷ୍ୟ ସନ୍ତାନ ଗ୍ରହଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା, ପିତୃମାତୃ ହୀନ ପରିତ୍ୟକ୍ତ ଏବଂ ସମର୍ପଣ କରିଥିବା (ଓଏଏସ୍) ପିଲାମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଉତ୍ସାହିତ କରିବା, ଆଇନଗତ ଏବଂ ପ୍ରକ୍ରିୟାଗତ ଢାଞ୍ଚା ବିଷୟରେ ସୂଚନା ପ୍ରଦାନ କରିବା। କାର୍ଯ୍ୟକ୍ରମରେ ପ୍ରତ୍ୟେକ ପିଲାଙ୍କ ପରିବାରର



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

ଅଧିକାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ) ନିରଞ୍ଜନ କର ସ୍ୱାଗତ ଭାଷଣ ଦେଇ ଅଧିବେଶନ ଆରମ୍ଭ କରିଥିବାବେଳେ ଜିଲା ସମାଜ କଲ୍ୟାଣ ଅଧିକାରୀ (ଡିଏସଡବ୍ଲୁଓ) ସବିତା ଚ୍ୟାଉପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଯାଜପୁର ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)ର ଅଧ୍ୟକ୍ଷା ରେକ୍ସୋନା ଜେନା ଓ ଜିଲା କ୍ଷୁଦ୍ର ସଞ୍ଚୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରଶାନ୍ତ କୁମାର ମିଶ୍ର, ତୃପ୍ତି ଜେନା ପ୍ରମୁଖ ଯୋଗଦେଇଥିଲେ। ଜିଲାର ବିଭିନ୍ନ ଥାନାରେ ଗଠିତ ସ୍ୱତନ୍ତ୍ର ଜୁଭେନାଇଲ ପୋଲିସ ୟୁନିଟ୍, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡି ସୁପରଭାଇଜର, ସ୍ୱତନ୍ତ୍ର ପୋଷ୍ୟ ଗ୍ରହଣ କେନ୍ଦ୍ର କର୍ମଚାରୀ, ଶିଶୁ ଯତ୍ନ ଅନୁଷ୍ଠାନ (ସିସିଆଇ), ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍ଏସ୍ଏ), ଚାଇଲ୍ଡଲାଇନ୍ ଏବଂ ଅନ୍ତର୍ଜାତୀୟ ନ୍ୟାୟ ମିସନ୍ ଇଣ୍ଡିଆ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ ରୁଚିକା ସାମାଜିକ ସେବା ସଂଗଠନ ଭଳି ବିଭିନ୍ନ ଅନୁଷ୍ଠାନ ପ୍ରତିନିଧିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଅନେକ ବିଶେଷଜ୍ଞଙ୍କ ନେତୃତ୍ୱାଧୀନ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ରୁଚିକା ସମାଜସେବା ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତି ଯୋଗଦେଇ ଜୁଭେନାଇଲ ଜଷ୍ଟିସ୍ ଆକ୍ଟ-୨୦୧୫ ସମ୍ପର୍କରେ ବିଷଦ ଭାବେ ବିବରଣୀ ପ୍ରଦାନ କରିଥିଲେ। ଶିଶୁ ସୁରକ୍ଷା ୟୁନିଟର ଅଧିକାରୀ ଅର୍ଚ୍ଚନା କୁମାର ସାମନ୍ତ ପ୍ରକ୍ରିୟାଗତ ପ୍ରଦର୍ଶନ ସମେତ ଯତ୍ନ ଓ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମର ଦୁଇ ପୋଷ୍ୟ ପିତାମାତାଙ୍କୁ ସମ୍ମାନିତ କରାଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ଏବଂ ଶିଶୁ ହେଲ୍ପଲାଇନ ଉପରେ ସୂଚନାମୂଳକ ପୋଷ୍ଟର ଉନ୍ମୋଚନ ହୋଇଥିଲା। ଶିଶୁ ସୁରକ୍ଷା ୟୁନିଟର କାଳୀପ୍ରସାଦ ସାହୁ, ବିଶ୍ୱନାଥ ଦାସ ଓ ଚାଇଲ୍ଡ ହେଲ୍ପ ଲାଇନର ବରେନ୍ଦ୍ର କୃଷ୍ଣ ଦାସ, ବିନ୍ଦୁସାଗର ସାହୁ, ରଜତ କୁମାର ମଲ୍ଲିକ, ସସ୍ମିତା ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଯାଜପୁର ଡିସିପିୟୁରେ କାଉନସେଲର ଶିଶିର କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଅଢ଼େଇ ବର୍ଷର ଶିଶୁ ଆଇବିଆର୍ ଆଚିଭର୍




ରସୁଲପୁର,୨୨।୧୧(ରଂଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ସତ୍ୟଭାମା ମହାରଣା ଓ ଅଭୟ କୁମାର ପରିଡ଼ାଙ୍କ ଅଢ଼େଇ ବର୍ଷର ଶିଶୁପୁତ୍ର ଏଏସ୍ ଅଭାଂଶୁ ପରିଡ଼ା ବୁଦ୍ଧିମତାର ପରିଚୟ ଦେଇ ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍(ଆଇବିଆର ଆଚିଭର)ରେ ସ୍ଥାନ ଅର୍ଜନ କରିଛନ୍ତି। ତାଙ୍କ ସଫଳତା ପାଇଁ ପରିବାର, ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି ଖବର ଜାଣି ତାଙ୍କ ପରିବାର ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଅଭାଂଶୁଙ୍କର ୧୬ ପକ୍ଷୀ, ୭ ଦେଶ ଓ ମହାଦେଶ, ୨୨ ଫଳ, ୧୬ ପୋକ, ୧୪ ଜାତୀୟ ଚିହ୍ନ, ୮ ଗ୍ରହ, ୨୩ ପରିବା, ୧୮ ବନ୍ୟପ୍ରାଣୀ, ୬ ଋତୁ, ୧୫ ଆକୃତି, ଶରୀରର ୨୬ ଅଙ୍ଗ, ୧୩ଟି ଦେବଦେବୀଙ୍କ ନାମ, ୯ ରାଜନେତା, ଏ ଠାରୁ ଜେଡ୍ ପର୍ଯ୍ୟନ୍ତ ଇଂଲିଶ ବର୍ଣ୍ଣମାଳା ଆବୃତି କରିବା, ୧ରୁ ୧୦୦ ପର୍ଯ୍ୟନ୍ତ ସଂଖ୍ୟା ଗଣିବା ଭଳି କେତେକ ମାନସିକ ଦକ୍ଷତାର ପରୀକ୍ଷା କରାଯାଇଥିଲା। ଏସବୁ ବିଷୟରେ ଅଭାଂଶୁ ନିର୍ଭୁଲ ଭାବରେ ଉତ୍ତର ରଖିଥିଲେ।

# ଜାତୀୟ ସେବା ଯୋଜନା ପକ୍ଷରୁ ପ୍ରଶିକ୍ଷଣ ଶିବିର

ଚଣ୍ଡିଖୋଲ,୨୨।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଡ. ଚିନ୍ମୟୀ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମନୋଜ କୁମାର ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକ ସରିତା ପଟେଲ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଧର୍ଯ୍ୟ ଓ ଧ୍ୟାନର ଗୁରୁତ୍ୱ, ଭାରତ ସରକାରଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଇଁ ଖୋଲା ଯାଇଥିବା ମାଇଁ ଭାରତ ପୋର୍ଟାଲର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ଜାତୀୟ ସେବା ଯୋଜନାର କୋଷାଧ୍ୟକ୍ଷ ମଧୁସୂଦନ ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅବହେଳିତ, ନିଷ୍ପେଷିତ ଓ ନିର୍ଯାତିତ ଲୋକଙ୍କ ସେବା କରିବା ସହିତ ଜାତୀୟ ସେବା ଯୋଜନା ଗଠନ ପଛରେ ଥିବା ମୂଳକାରଣ ସମ୍ପର୍କରେ ପିଲାଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି, ଡ. ପ୍ରସନ୍ନ କୁମାର ମହାପାତ୍ର, ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରୋଗ୍ରାମ ଅଫିସର୍ ଅମ୍ବିକା ପ୍ରସାଦ ମିଶ୍ର ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ କବିତା ପାଠ, ନୃତ୍ୟ ଧାରା ଓ ବକ୍ତୃତା ପ୍ରତିଯୋଗିତାର କୃତକାର୍ଯ୍ୟ ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱେଚ୍ଛସେବୀମାନେ କ୍ଷୁଦ୍ର ନାଟକ ପରବେଷଣ କରିଥିଲେ। ସୁଶ୍ରୀ ଶର୍ମିଷ୍ଠା ପଣ୍ଡା ଧନ୍ୟବାଦ ଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିମାନେ।

# ସହର ମଧ୍ୟରେ କାରଖାନା ବସ୍ ପ୍ରବେଶକୁ ବିରୋଧ


କଳିଙ୍ଗନଗର ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଯାଜପୁରରୋଡ୍,୨୨।୧୧(ପବିତ୍ର ରଞ୍ଜନ ମହାନ୍ତି):

## କଳିଙ୍ଗନଗର ଏଡିଏମ୍‌ଙ୍କୁ ସ୍ୱାସ୍ଥ୍ୟସୁରକ୍ଷା ମଞ୍ଚର ଦାବିପତ୍ର

କଳିଙ୍ଗନଗର କାରଖାନା ବସ ଚଳାଚଳ ଯୋଗୁ ବ୍ୟାସନଗର ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ତେଣୁ ସହର ମଧ୍ୟରେ କାରଖାନା ବସ ଚଳାଚଳକୁ ବିରୋଧ କରି ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ତରଫରୁ ଶୁକ୍ରବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସହର ଭିତରେ କାରଖାନା ବସ ଡ୍ରାଇଭରଙ୍କ ବେପରୁଆ ଓ ଦ୍ରୁତ ଗାଡ଼ିଚାଳନା ପାଇଁ ବହୁବାର ଦୁର୍ଘଟଣା ଘଟୁଛି। ଗତ ମଙ୍ଗଳବାର ବସ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିବା ସହରବାସୀଙ୍କୁ ବ୍ୟଥିତ କରିଛି। ବିଭିନ୍ନ କାରଖାନାର ହଜାରହଜାର କର୍ମଚାରୀଙ୍କ ପରିବହନ ପାଇଁ ୨ଶହରୁ ଅଧିକ ବସ ଚଳାଚଳ କରୁଛି। ୩ ସିଫ୍ଟରେ କାରଖାନାକୁ ଯିବା ଆସିବା କର୍ମଚାରୀଙ୍କ ପାଇଁ ଏହି ବସଗୁଡିକ ଯାଆସ କରୁଛି। ଧାଡ଼ି ବାନ୍ଧି କାରଖାନା ବସ ଯିବା ଆସିବା ସମୟରେ ସହରର ମୁଖ୍ୟରାସ୍ତାଗୁଡ଼ିକ ବିପଦସଂକୁଳ ହୋଇପଡୁଛି। ଏହି ବସ ସେବା ପାଇଁ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ କ୍ଷତି ହେଉଛି। ଲୋକଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ସହରରେ କାରଖାନା ବସ ପ୍ରବେଶ ବାରଣ ପାଇଁ ଦାବି କରାଯାଇଛି। ଆସନ୍ତା ୨୯ ତାରିଖରେ ଏନେଇ କାରଖାନା କର୍ତ୍ତୃପକ୍ଷଙ୍କ ସହ ବୈଠକ କରାଯାଇ ଏହାର ବିକଳ୍ପବ୍ୟବସ୍ଥା କରାଯିବ ବୋଲି ଅତିରିକ୍ତ ଜିଲାପାଳ ନନ୍ଦ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମଞ୍ଚ ସଭାପତି ବିଜୟ କୁମାର ଦାସ, ସମ୍ପାଦକ ଶିଶିର କୁମାର ରାଉତ, ମୁଖ୍ୟ ସଂଯୋଜକ ଚିନ୍ତାମଣି ପାଢ଼ୀ, କାର୍ଯ୍ୟକାରୀ ସଭାପତି ଏସ୍‌କେ ସାମଲ, ଉପସଭାପତି ଦେବଦତ୍ତ ରାୟ, ଦୀପକ କୁମାର ପରିଡ଼ା, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ରାଉତ, ଉପଦେଷ୍ଟା ପରମେଶ୍ୱର ଜେନା, ଅଶୋକ କୁମାର ଦାସ ଓ ଜଗନ୍ନାଥ ସାମଲଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ୨୪ରୁ ଉଦୟଗିରି ବୁଦ୍ଧ ମହୋତ୍ସବ

ବାଲିଚନ୍ଦ୍ରପୁର,୨୨।୧୧(ଗିରିଜାପ୍ରସାଦସାହୁ):

ବିଶ୍ୱ ପ୍ରସିଦ୍ଧ ଉଦୟଗିରି ବୌଦ୍ଧପୀଠଠାରେ ଆୟୋଜିତ ହେବାକୁ ଯାଉଛି ପଞ୍ଚଦଶ ରାଜ୍ୟସ୍ତରୀୟ ଉଦୟଗିରି ବୁଦ୍ଧ ମହୋତ୍ସବ। ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ଅବସରରେ ଉଦୟଗିରି ବୁଦ୍ଧବିହାର ପାଦଦେଶରେ ନବନିର୍ମିତ ପର୍ଯ୍ୟଟନ ଭବନ ପ୍ରାଙ୍ଗଣରେ ଆସନ୍ତା ୨୪ ଓ ୨୫ ତାରିଖ ଦୁଇଦିନ ଧରି ଉଦୟଗିରି ବୁଦ୍ଧ ମହୋତ୍ସବ ପାଳିତ ହେବ। ୨୪ ତାରିଖରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବେ। ସମ୍ମାନିତ ଅତିଥି ଭାବେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନରାୟଣ ବେହେରା, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଓ ଏଏସ୍ଆଇର ପ୍ରତ୍ନତତ୍ତ୍ୱିକ ଅଧୀକ୍ଷକ ଡ. ଦିବିଶଦ ଗଡ଼ନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୪ଟାରେ ଆୟୋଜିତ ଅଧିବେଶନରେ ବିଧାୟକଙ୍କ ସମେତ ବୌଦ୍ଧ ଗବେଷକ ଡ. ହରିଶ ଚନ୍ଦ୍ର ପୃଷ୍ଟି, ବୌଦ୍ଧ ପୁସ୍ତକକାର ତ୍ରିନା ସାନ୍ୟାଲ ଓ ସାହିତ୍ୟିକ ଡ. ସୁବ୍ରତ କୁମାର ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେବେ। ୨୫ ତାରିଖ ପୂର୍ବାହ୍ନ ଅଧିବେଶନରେ ବିଶ୍ୱ ଐତିହ୍ୟରେ ଯୋଡ଼ିହେବା ପାଇଁ ପ୍ରଶାସନ ଓ ନାଗରିକମାନଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ରାଜ୍ୟ ପର୍ଯ୍ୟଟନ ବିଭାଗ ଶାସନ ସଚିବ ବଲୱନ୍ତ ସିଂହ, ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା, ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ପୂର୍ବତନ ପ୍ରଶାସକ ଅନିଲ କୁମାର ସାମଲ, ପୂର୍ବତନ ପ୍ରଶାସକ ରଞ୍ଜନ କୁମାର ଦାସ ଓ ପ୍ରତ୍ନତତ୍ତ୍ୱିକ ଅଧୀକ୍ଷକଙ୍କ ସମେତ ଲୋକପ୍ରତିନିଧିମାନେ ଯୋଗଦେବେ। ଉଦ୍‌ଯାପନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତିପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେବେ ବୋଲି ସହମତି ପ୍ରଦାନ କରିଛନ୍ତି। ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଗଜପତି ଜିଲା ଚନ୍ଦ୍ରଗିରି ପଦ୍ମସମ୍ଭବ ବୌଦ୍ଧମହାବିହାରର ବୌଦ୍ଧଭିକ୍ଷୁ ଖେନେପୋ ଚୋପେଲ, ବୌଦ୍ଧଭିକ୍ଷୁ ଫଣ୍ଟଶୋକ ଦର୍ଜୀ ଓ ବୌଦ୍ଧ ସଂଗଠକ ପ୍ରକାଶ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବେ।

ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ବିଶ୍ୱ ଐତିହ୍ୟରେ ଉଦୟଗିରିର ସ୍ଥାନ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ ବୌଦ୍ଧକୀର୍ତ୍ତିର ଐତିହ୍ୟକୁ ନେଇ ଉଦୟଗିରିର ୧୪ତମ ସ୍ୱତନ୍ତ୍ର ସଂକଳନ ପ୍ରକାଶିତ ହେବ। ଉଦୟଗିରିରୁ ଆବିଷ୍କୃତ ବୌଦ୍ଧ କୀର୍ତ୍ତିରାଜିର ଏକ ଫଟୋପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳାର ବ୍ୟବସ୍ଥା କରାଯାଇଛି। ୨ ଦିନ ଧରି ହେବାକୁ ଥିବା ଉକ୍ତ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି।

ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ଉଦୟଗିରି ପର୍ଯ୍ୟଟନ ଭବନରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବରିଷ୍ଠ ସଦସ୍ୟ କିଶୋର ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ସମିତି ଆବାହକ ମହେଶ୍ୱର ବଳ କାର୍ଯ୍ୟକ୍ରମ ଆୟୋଜନ ସଂପର୍କରେ ବିଶେଷ ସୂଚନା ଦେଇ କମିଟିର କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରିଥିଲେ। ଜିଲା ସଂସ୍କୃତି ପରିଷଦର ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଉତ୍ସବ ଆୟୋଜନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ରାମଚନ୍ଦ୍ର ସାମଲ, ସାଉଡ଼ିଆ ସରପଞ୍ଚ ଜଗନ୍ନାଥ ଖଣ୍ଡେଇ, ସମିତିସଭ୍ୟ ସୁରେନ୍ଦ୍ର ସେନାପତି, ବାଲିଚନ୍ଦ୍ରପୁର ମଣ୍ଡଳ ଭାଜପା ସଭାପତି ସୀତାନାଥ ବଳସାମନ୍ତ, ମହୋତ୍ସବର ସହ ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ରାୟ, ସୁରମୋହନ ମହାପାତ୍ର, ବାଇଧର ସେନାପତି ଓ ସୁଶାନ୍ତ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାମାଜିକ କର୍ମୀ ମଧୁସୂଦନ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ତାଲିମ ଶିବିର ଉଦ୍‌ଯାପିତ

ଧର୍ମଶାଳା,୨୨।୧୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ ସ୍ୱେଚ୍ଛାସେବୀ ଶିକ୍ଷା ଓ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ରେଡ୍‌କ୍ରସ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ସାହୁ ଯୋଗଦେଇ ରେଡ୍‌କ୍ରସର ଆଭିମୁଖ୍ୟ, ଆଦର୍ଶ ଓ ସ୍ୱେଚ୍ଛାସେବୀ ସମାଜ ଗଠନ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ଅରବିନ୍ଦ ମହାନ୍ତି ସଭା ସଂଯୋଜନା କରିଥିଲେ। ଅଧ୍ୟାପକ ଡ. ବସନ୍ତ କୁମାର ତ୍ରିପାଠୀ ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ୩ ଦିନ ଧରି ଅନୁଷ୍ଠିତ ଏହି ଶିବିରରେ ଅଗ୍ନି ନିରାପତା କୌଶଳ ଶିକ୍ଷା, ସଚେତନତା, ତମାଖୁ ମୁକ୍ତ, ସାଧାରଣ ସ୍ୱାସ୍ଥ୍ୟ ସଚେତନତା, ପ୍ରାଥମିକ ଆଶୁ ଚିକିତ୍ସା ଜ୍ଞାନ କୌଶଳ ଓ ଯୋଗ ଶିକ୍ଷା ଆଦି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ବିଭିନ୍ନ ଦିବସରେ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ରଚନା, ତର୍କ, ସଙ୍ଗୀତ, ନୃତ୍ୟ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳିକା ବିଭାଗରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଯାଜପୁର ବିରଜା ମହାବିଦ୍ୟାଳୟର ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ମିଶ୍ର ଓ ବାଳକ ବିଭାଗରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟର ଛାତ୍ର ବ୍ରହ୍ମାନନ୍ଦ ନାୟକ ଓ ଧର୍ମଶାଳା ମହାବିଦ୍ୟାଳୟର ଛାତ୍ର ସୁନିଲ କୁମାର ସାହୁଙ୍କୁ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିବିରରେ ଜିଲାର ୨୯ କଲେଜର ୧୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ସସ୍ମିତା ସାମଲ ଧନ୍ୟବାଦ ଦେଇଥିଲେ।



ଶିବିର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ୨୫ରୁ ଜାତୀୟ ବାଣିଜ୍ୟ ମେଳା

ଯାଜପୁରରୋଡ୍,୨୨।୧୧ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲାର ସର୍ବପୁରାତନ ଜାତୀୟ ବାଣିଜ୍ୟ ମେଳା ଚଳିତ ବର୍ଷ ୩୫ ବର୍ଷରେ ପଦାର୍ପଣ କରିଛି। ଏହି ମେଳା ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୫ ପର୍ଯ୍ୟନ୍ତ ୧୧ ଦିନ ଚାଲିବ। ଏନେଇ ଏକ ଖବରଦାତା ସମ୍ମିଳନୀ କରି ମେଳା କମିଟି ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ପ୍ରତିହାରୀ ସୂଚନା ଦେଇଛନ୍ତି। ଏହି ମେଳା ବ୍ୟାସନଗରସ୍ଥିତ ଗୋଶାଳା ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ହେବ। ଶିଳ୍ପ, ବାଣିଜ୍ୟ ଓ ଗ୍ରାହକଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି କରିବା ଲକ୍ଷ୍ୟ ନେଇ ମେଳା ଅନୁଷ୍ଠିତ ହୋଇ ଆସୁଛି। ଚଳିତ ବର୍ଷ ଏହି ମେଳାକୁ ସରସ ସୁନ୍ଦର କରାଯିବାର କାର୍ଯ୍ୟକ୍ରମ ରହିଛି। ମେଳାରେ ବିଭିନ୍ନ ଶିଳ୍ପ, ଖଣି, ବସ୍ତ୍ର, ହସ୍ତଶିଳ୍ପ, କୁଟୀର ଶିଳ୍ପ ଓ ଯାନବାହନ ଉଦ୍ୟୋଗ ଏବଂ ଗୃହନିର୍ମାଣ ଆଦି ଷ୍ଟଲ ସ୍ଥାନ ପାଇବ। ଏହାସହିତ ଭାରତ ସରକାରଙ୍କ ହସ୍ତଶିଳ୍ପ ଉନ୍ନୟନ ଆୟୁକ୍ତଙ୍କ ସହଯୋଗରେ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶିଳ୍ପ ଓ ଦ୍ରବ୍ୟର ଷ୍ଟଲ ସ୍ଥାନ ପାଇବ। ବିଭିନ୍ନ ଶିଳ୍ପ ସଂସ୍ଥା, କେନ୍ଦ୍ର ସରକାରଙ୍କ ବିଭିନ୍ନ ଉଦ୍ୟୋଗ ମେଳାରେ ଅଂଶଗ୍ରହଣ



ଖବରଦାତା ସମ୍ମିଳନୀରେ ମେଳା କମିଟି କର୍ମକର୍ତ୍ତା ସୂଚନା ଦେଉଛନ୍ତି।

କରିବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି। ମେଳାରେ ବିଭିନ୍ନ ପ୍ରକାର ଖାଦ୍ୟ ମଣ୍ଡପ ଏବଂ ଦୋଳି ସ୍ଥାନପାଇବ। ପ୍ରତ୍ୟେକ ସନ୍ଧ୍ୟାରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ 'ଅକ୍ଷୟ ମଣ୍ଡପ' ସାଂସ୍କୃତିକ ମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ରାଜ୍ୟର ସଂସ୍କୃତି ଦଳ ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ସେମାନଙ୍କ କଳା ପଦର୍ଶନ କରିବେ। ପ୍ରସିଦ୍ଧ ଗାୟିକା ସୁଶ୍ରୀ ବର୍ଣ୍ଣାଲୀ ଦାସ, ଗାୟକ ମହମ୍ମଦ ସକିଲ, ବୋନି କୁମାର, ମହମ୍ମଦ ସଲିମ ଓ ଅବଦ୍ଦୁଲ କାଦିରଙ୍କ ଦ୍ୱାରା ପୁରାତନ ସଙ୍ଗୀତ ଓ ରଙ୍ଗାରଙ୍ଗ ନୃତ୍ୟ ପରିବେଷ କରାଯିବ। ପଦ୍ମଭୂଷଣ ରତନ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ମେଳାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ମେଳାର ସଫଳ ରୂପାୟନ ପାଇଁ ସ୍ଥାନୀୟ ପ୍ରଶାସନ, ପୋଲିସ, ବିଦ୍ୟୁତ୍ ବିଭାଗ, ୱାଟକୋ, ପୌର ପରିଷଦ, ରେଳବିଭାଗ, ପୂର୍ତ୍ତ ବିଭାଗ, ଅଗ୍ନିଶମ ବିଭାଗକୁ ସହଯୋଗ ନିମନ୍ତେ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଚଳିତବର୍ଷ ମେଳାର ବିଷୟ ବସ୍ତୁ 'ପ୍ରକୃତିର ଯତ୍ନ' ଉପରେ ଆଧାରିତ ବାର୍ତ୍ତା ରହିଛି। ଏହି ଖବରଦାତା ସମ୍ମିଳନୀରେ କମିଟି ସଦସ୍ୟ ପ୍ରମୋଦ କୁମାର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ଦାସ, ସଂଗ୍ରାମ ରାଉତ, ଅର୍ଜୁନ ସ୍ୱାଇଁ, ବିନୋଦ ବିହାରୀ ଜେନା, ଜଗବନ୍ଧୁ ଦାସ, ସ୍ମୃତିରଞ୍ଜନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ପଦ୍ମନାଭ ମୁଖୀ, ରୁଦ୍ରମଣୀ ମୁଖୀ, ଉଦ୍ଧବ ଜେନା, ବଳଦେବ ନନ୍ଦ, ମାନସ ସାମଲ, ଦେବାଂଶୁ ସିଲ, ସୁବାଶିଷ ରାଉତ, ସେକ୍ ଜାଲଲୁଦ୍ଦିନ ଓ ମିଶାବୁଲ ହକ ପ୍ରମୁଖ ଉପସ୍ଥିତ ଥିଲେ।

# କର୍ମନିଯୁକ୍ତି ବ୍ୟାପକ ହେଲେ ଅର୍ଥନୀତି ସବଳ ହେବ

ପଟ୍ଟାମୁଣ୍ଡାଇ,୨୨।୧୧(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ମୋଟ ଜନସଂଖ୍ୟାର ପାଖାପାଖି ଅର୍ଦ୍ଧେକ ଯୁବବର୍ଗ ବଞ୍ଚିବାର ରାହା ଖୋଜୁଛନ୍ତି। ସେମାନଙ୍କୁ ଉପଯୁକ୍ତ ଥଇଥାନ ମିଳୁନାହିଁ। ୧୮ରୁ ଅଧିକ ୩୫ବର୍ଷରୁ କମ୍ ଯୁବଗୋଷ୍ଠୀଙ୍କ ମଧ୍ୟରୁ ପାଖାପାଖି ୬୫ ପ୍ରତିଶତ ବେକାର। ସେମାନଙ୍କୁ ଉପଯୁକ୍ତ କର୍ମନିଯୁକ୍ତି ଦେବା ସରକାରଙ୍କ ଦାୟିତ୍ୱ ଥିବାବେଳେ ଏ କ୍ଷେତ୍ରରେ ବିଫଳ ହୋଇଛନ୍ତି। ନିଯୁକ୍ତି କେବଳ ସରକାରୀ ବା ବେସରକାରୀ ଚାକିରି ଭାବେ ବିବେଚନା ନ କରି ଆତ୍ମନିଯୁକ୍ତିକୁ ମଧ୍ୟ ଅଗ୍ରାଧିକାର ଦିଆଯାଇପାରନ୍ତା। ହେଲେ ଏଠି ନିଯୁକ୍ତି ନା ଆତ୍ମନିଯୁକ୍ତି କି ନିମିତ ସୁଯୋଗ ଅଛି। ଆତ୍ମନିଯୁକ୍ତି କ୍ଷେତ୍ରରେ ଜିଲାକୁ ଆଗକୁ ବଢ଼ାଇବାକୁ ଯେଉଁ ସାମଗ୍ରିକ ଚେଷ୍ଟା ଆବଶ୍ୟକ ତାହା ଦେଖିବାକୁ ମିଳିପାରୁନାହିଁ। ଫଳରେ ବେକାର ଯୁବତୀଯୁବକ ବାଧ୍ୟ ହୋଇ ବାହାରକୁ ଦାଦନ ଖଟିବାକୁ ଯାଉଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ୨୦୧୪ରେ ବର୍ଷକୁ ୨ କୋଟି ନିଯୁକ୍ତି ଦେବାକୁ ମୋଦି ସରକାର ପ୍ରତିଶ୍ରୁତି ଦେଇଥିଲେ। ଦେଶରେ ୧୧ବର୍ଷ ଚାଲିଥିବା ସରକାର ସେପରି ନିଯୁକ୍ତି ଦେଇନାହାନ୍ତି। ସେହିପରି ଚଳିତ ନିର୍ବାଚନ ଇସ୍ତାହାରରେ ଓଡ଼ିଶାର ଭାଜପା ସରକାର ପ୍ରତ୍ୟେକ ପଞ୍ଚାୟତରେ ୧୦୦ ଜଣଙ୍କୁ ନିଯୁକ୍ତି ଦେବା କଥା କହିଥିଲେ। ହେଲେ ୬ ମାସ ପୂରିବାକୁ ବସିଲାଣି, କିନ୍ତୁ ସେଭଳି ନିଯୁକ୍ତି ମିଳିନାହିଁ। ଜିଲା ଓ୍ୱାରି ସବୁ କାର୍ଯ୍ୟାଳୟ ଫାଙ୍କା। ଅବସର ନେଉଥିବା କର୍ମଚାରୀଙ୍କ ସ୍ଥାନ ପୂରଣ କରାଯାଉନାହିଁ। ହେଲେ ଉଚ୍ଛେଦ ଚାଲିଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳସମ୍ପଦ, ପୋଲିସ, ମହିଳା ଓ ଶିଶୁ ବିକାଶ, କୃଷି, ସମବାୟ, ରାଜସ୍ୱ ବିଭାଗ ସମେତ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶତକଡ଼ା ୫୬ ଭାଗ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ଡାକ୍ତରଖାନାଗୁଡ଼ିକରେ ୫୪ ପ୍ରତିଶତ ପଦବୀ ଖାଲି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ସ୍ୱଳ୍ପ ବେତନରେ ପୁନଃ ନିଯୁକ୍ତି ଦିଆଯାଉଥିବା ବେଳେ ଠିକାରେ କର୍ମଚାରୀ ନିଯୁକ୍ତି ପାଉଛନ୍ତି। ଏପଟେ ଯୋଗ୍ୟତା ସମ୍ପନ୍ନ ଓ ତାଲିମପ୍ରାପ୍ତ ଯୁବତୀଯୁବକ ସାର୍ଟିଫିକେଟ ଧରି ଘୂରି ବୁଲୁଛନ୍ତି। ଶିକ୍ଷାବିତ୍ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍ଆଇଇ)ର ତଥ୍ୟ ଅନୁଯାୟୀ ଭାରତରେ ବେକାରୀ ହାର ମାର୍ଚ୍ଚ ୨୦୨୪ରେ ୭.୪ ପ୍ରତିଶତରୁ ୮.୧ %କୁ ବୃଦ୍ଧି ପାଇଛି। ୨୦୨୩ ଜୁନ୍‌ରେ ମହିଳା ବେକାରୀ ହାର ୧୫.୧ % ତୁଳନାରେ ଏବେ ୧୮.୫ % ଅଧିକ। ପୁରୁଷ ବେକାରୀ ହାର ଗତବର୍ଷ ସମାନ ମାସରେ ୭.୭ % ତୁଳନାରେ ୭.୮ ପ୍ରତିଶତ ରହିଛି। ଗ୍ରାମାଞ୍ଚଳରେ ଅଧିକ ବେକାରୀ ହାର ଅନୁଭୂତ ହେବାରେ ଲାଗିଛି। ଦେଶର ଅର୍ଥନୀତିରେ ସୁସ୍ଥତାର ଏକ ସୂଚକ ମାନଦଣ୍ଡ ଭାବରେ କର୍ମନିଯୁକ୍ତି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କର୍ମନିଯୁକ୍ତିର ପରିସର ଯେତେ ବ୍ୟାପକ ହେବ, ଅର୍ଥନୀତି ସେତେ ସବଳ ହେବ। ବିକାଶ ଓ ପ୍ରଗତି ସେତିକି ଗତିଶୀଳ ହେବ। ଦେଶରେ ଯେତେ ଅଧିକ ବେରୋଜଗାରୀ ରହିବ, ନାଗରିକଙ୍କର ଜୀବନ ସେତେ କଷ୍ଟକର ଏବଂ ଅର୍ଥନୈତିକ ବ୍ୟବସ୍ଥା ସେତେ ଦୁର୍ବଳ ହେବ। ସାମାଜିକ କର୍ମୀ ପ୍ରଫୁଲ୍ଲ ଦାସ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ କର୍ମନିଯୁକ୍ତି କ୍ଷେତ୍ରରେ ଅଗ୍ରଣୀ ହୋଇପାରିନାହିଁ। ଅଭାବ ଅନଟନରେ ଥିବା ଯେକୌଣସି ପରିବାରର ଜଣେ ବ୍ୟକ୍ତିଙ୍କୁ ଯଦି ନିଯୁକ୍ତି ମିଳିଯାଏ, ତେବେ ସେହି ପରିବାରର ଆର୍ଥିକ ଅବସ୍ଥା ନିଶ୍ଚୟ ସୁଧୁରିଯିବ। ଜିଲାରେ ନିଯୁକ୍ତି ପ୍ରକ୍ରିୟା ଠପ ହୋଇଯାଇଛି। ସେଥିପାଇଁ ଆତ୍ମନିର୍ଭର ହେବା ଲକ୍ଷ୍ୟରେ ବେକାର ଯୁବତୀଯୁବକମାନେ ଜିଲା ଶିଳ୍ପ କେନ୍ଦ୍ରରେ ଅଣୁ, କ୍ଷୁଦ୍ର ଶିଳ୍ପ ପାଇଁ ଆବେଦନ କରୁଥିଲେ ମଧ୍ୟ ସବୁକ୍ଷେତ୍ରରେ ଆର୍ଥିକ ସହାୟତା ମିଳୁନାହିଁ। ଫଳରେ ବେକାରୀ ସମସ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଫଳରେ ବେକାର ଯୁବତୀଯୁବକମାନେ କାମ ଅନ୍ୱେଷଣରେ ବାହାର ରାଜ୍ୟ ଓ ଦେଶକୁ ଦାଦନ ଖଟିବାକୁ ଯାଉଛନ୍ତି। ଅନେକ ବେକାର ବେରୋଜଗାରୀ ହୋଇ ବୁଲୁଛନ୍ତି। ରଜେନ୍ଦ୍ର ଦାଶ କହିଛନ୍ତି, ବେରୋଜଗାର ଯେ ବ୍ୟକ୍ତିଗତ ଜୀବନକୁ କେବଳ ପ୍ରଭାବିତ କରେ ତାହା ନୁହେଁ, ଏହା ସାମାଜିକ ତଥା ଦେଶର ଅର୍ଥନୀତିକୁ ଅଧିକ ମାତ୍ରାରେ କ୍ଷତି ଘଟାଇଥାଏ। ଦେଶରେ ଦାରିଦ୍ର୍ୟ ବୃଦ୍ଧି କରିବାରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ମୋଟାମୋଟି ଭାବେ କହିବାକୁ ଗଲେ ବେରୋଜଗାର ଦାରିଦ୍ର୍ୟ ସାଙ୍ଗକୁ ସାମାଜିକ ଅସ୍ଥିରତା ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି।

# ଜାତୀୟ କିକ୍‌ବକ୍ସିଂ ପ୍ରତିଯୋଗିତାରେ ମଣ୍ଡପଢ଼ା ସ୍କୁଲର ସଫଳତା


କିକ୍‌ବକ୍ସିଂ ପ୍ରତିଯୋଗିତାରେ ଭାଗ ନେଇଥିବା ମଣ୍ଡପଡ଼ା ସ୍କୁଲର ଛାତ୍ରୀଛାତ୍ର ଓ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ,୨୨।୧୧(କଳ୍ପତରୁ ନାୟକ)

କେରଳର କୋଝିକୋଡ଼େଠାରେ ଚଳିତମାସ ୧୩ରୁ ୧୭ ତାରିଖ ମଧ୍ୟରେ ଅନୁଷ୍ଠିତ ଜାତୀୟ କିକ୍‌ବକ୍ସିଂ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ମଣ୍ଡପଡ଼ା ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ଏଥିସହ ଜାତୀୟସ୍ତରରେ ବିରଳ ସଫଳତା ପାଇ ଅଞ୍ଚଳ ମାଟିକୁ ଗୌରବାନ୍ୱିତ କରିଛନ୍ତି। କେରଳରେ ଅନୁଷ୍ଠିତ ଜାତୀୟସ୍ତରର କିକ୍‌ବକ୍ସିଂ ପ୍ରତିଯୋଗିତାରେ ଓଡ଼ିଶା ରାଜ୍ୟର ୬୩ଜଣ ଖେଳାଳି ପ୍ରତିନିଧିତ୍ୱ କରିଥିଲେ। ଏହି ଖେଳାଳିମାନଙ୍କ ମଧ୍ୟରୁ ୨୧ଜଣ ଅନନ୍ୟ ସଫଳତା ପାଇ ୨୧ଟି ସ୍ୱର୍ଣ୍ଣ ପଦକ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ଓଡ଼ିଶା ପୁରସ୍କୃତ ହୋଇଛି। ଓଡ଼ିଶା ଦଳରେ ପ୍ରତିନିଧିତ୍ୱ କରିଥିବା ମଣ୍ଡପଡ଼ା ସ୍କୁଲ ଛାତ୍ରୀଛାତ୍ରମାନେ ସଫଳତା ହାସଲ କରି ସମଗ୍ର କେନ୍ଦ୍ରାପଡ଼ା ଜିଲା ଓ ପଟ୍ଟାମୁଣ୍ଡାଇ ମାଟିକୁ ଧନ୍ୟ କରିଛନ୍ତି। ସଫଳତା ହାସଲ କରିଥିବା ମଣ୍ଡପଡା ସ୍କୁଲ ଛାତ୍ରୀଛାତ୍ରମାନେ ହେଲେ ବିଶ୍ୱଜିତ ପ୍ରଧାନ ୧ ସ୍ୱର୍ଣ୍ଣ, ପ୍ରାର୍ଥନା ପ୍ରଧାନ ୧ ସ୍ୱର୍ଣ୍ଣ ୧ ବ୍ରୋଞ୍ଜ, ସଙ୍କେତ ଭୂୟାଁ ୧ ସ୍ୱର୍ଣ୍ଣ ୧ ବ୍ରୋଞ୍ଜ ଓ ଆଦର୍ଶ ପ୍ରଧାନ ୧ ସ୍ୱର୍ଣ୍ଣ ୧ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଏହି ଅନନ୍ୟ ସଫଳତାର ସୂତ୍ରଧର ପ୍ରଶିକ୍ଷକ ସୁଶୀଲ କୁମାର ସାମଲ କେନ୍ଦ୍ରାପଡ଼ା ଜିଲାର ନେତୃତ୍ୱ ନେବା ସହ ଓଡ଼ିଶା ଦଳର ମ୍ୟାନେଜର ଦାୟିତ୍ୱ ନିର୍ବାହ କରିଥିଲେ। ମାର୍ଶାଲ ଆର୍ଟ ଓ ବକ୍ସିଂକୁ ମିଶାଇ କିକ୍‌ବକ୍ସିଂ କରାଯାଇଛି। ଯେଉଁଥିରେ ଶରୀରର ପ୍ରତ୍ୟକ ଅଙ୍ଗ ପ୍ରତ୍ୟଙ୍ଗକୁ ବ୍ୟବହାର କରାଯାଇ ଆତ୍ମ ସୁରକ୍ଷା କରାଯାଇଥାଏ। ୧୯୯୩ରୁ ପ୍ରତିବର୍ଷ ଭାରତର ବିଭିନ୍ନ ରାଜ୍ୟରେ ଏହି କିକ୍‌ବକ୍ସିଂ ପ୍ରତଯୋଗିତା ଅନୁଷ୍ଠିତ ହୋଇଆସୁଛି। ମଣ୍ଡପଡ଼ା ସ୍କୁଲର ଛାତ୍ରୀଛାତ୍ର ଗାଁକୁ ଗୌରବାନ୍ୱିତ କରିଥିବାରୁ ଗ୍ରାମବାସୀ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଏଥିସହ ଏହି ସଫଳତା ପାଇଁ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ମହଲରୁ ପ୍ରଶିକ୍ଷକ, ମଣ୍ଡପଡ଼ା ସ୍କୁଲ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ଶୁଅ ଛୁଟିବାରେ ଲାଗିଛି।

# ବିଦ୍ୟା ଅଟଇ ମହାରତ୍ନ, ହୃଦୟେ ଘେନ କରି ଯତ୍ନ

## ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର

ପଟ୍ଟାମୁଣ୍ଡାଇ ୨୨।୧୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ବଳଭଦ୍ରପୁର ବାପୁଜୀ ବିଦ୍ୟାପୀଠଠାରେ ତାଲୁକ ଆଇନ ସେବା ସମିତିର ଅଧକ୍ଷା ତଥା ସିନିୟର ସିଭିଲ ଜଜ୍ ସୁଶ୍ରୀ ସଙ୍ଗୀତା ମଲ୍ଲିକଙ୍କ ନିର୍ଦ୍ଦେଶରେ ଶୁକ୍ରବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ପଣ୍ଡା ପୌରୋହିତ୍ୟ କରିଥିଲେ। ସେ କହିଥିଲେ, ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ। ବିଦ୍ୟା ଅଟଇ ମହାରତ୍ନ, ହୃଦୟେ ଘେନ କରି ଯତ୍ନ। ବିଦ୍ୟା ଅଟଇ ମହାମିତ୍ର, ସେ ସଙ୍ଗେ ହୁଅ ହେ ପବିତ୍ର। ବିଦ୍ୟା ଅଟଇ ମହାବଳ, ସେ ବଳେ ଜିଣ ଭୂମଣ୍ଡଳ ଭକ୍ତ କବି ମଧୁସୂଦନଙ୍କ ଏହି ବିଲକ୍ଷଣ ଧାଡ଼ି ଜୀବନରେ ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ସମ୍ପର୍କରେ ଆମମାନଙ୍କୁ ଆଲୋକ ବର୍ତ୍ତିକା ବାର୍ତ୍ତା ପ୍ରଦାନ କରୁଛି। ଭାରତର ସମ୍ବିଧାନରେ ସମସ୍ତ ପିଲାଙ୍କର ପାଠ ପଢ଼ିବାର ଅଧିକାର ମଧ୍ୟ ରହିଛି। ସମସ୍ତ ଶିଶୁଙ୍କୁ ମାଗଣା ଶିକ୍ଷା ପ୍ରଦାନ କରିବା, ପ୍ରତ୍ୟେକ ରାଜ୍ୟ ସରକାରଙ୍କ ଦାୟିତ୍ୱ ଅଟେ। କିନ୍ତୁ ଯଦି ପିଲାଟିଏ ନିଜେ ଅଧ୍ୟୟନ କରିବାକୁ ଚାହିଁବ ନାହିଁ ତେବେ ତା'ର ଏବଂ ଦେଶର ଭବିଷ୍ୟତ ନଷ୍ଟ ହେବ। ଏକ ସର୍ଭେରୁ ଜଣାପଡ଼ିଛି ଯେ, ଅନେକ ପିଲାମାନେ ନିଜେ ପାଠ ପଢ଼ିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ସେଥିପାଇଁ ସେମାନେ ବିଦ୍ୟାଳୟକୁ ଯାଆନ୍ତି ନାହିଁ। ଜାତୀୟ ନମୁନା ସର୍ଭେ ରିପୋର୍ଟରୁ ଜଣାଯାଏ, ଭାରତରେ ପ୍ରାୟ ୨ ପ୍ରତିଶତ ପିଲା ଅଛନ୍ତି ଯେଉଁମାନେ କେବେ ସ୍କୁଲ ଯାଇ ନାହାଁନ୍ତି। କେରଳ ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ପ୍ରତ୍ୟେକ ପିଲା ସ୍କୁଲ ଯାଆନ୍ତି। ମାତ୍ର ଓଡ଼ଶାର ଅନେକ ଅଞ୍ଚଳରେ ଛାତ୍ରୀଛାତ୍ର ଭିନ୍ନ ଭିନ୍ନ କାରଣରୁ ଡ୍ରପଆଉଟ ହୋଇ ସ୍କୁଲ ଛାଡୁଛନ୍ତି। ସେ ପିଲା ଓ ଅଭିଭାବକଙ୍କୁ ବୁଝାଇ ସ୍କୁଲକୁ ଆଣିବାକୁ ଶିକ୍ଷକମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଅନୁପସ୍ଥିତ ପିଲାଙ୍କ ଘରକୁ ଯାଇ ସେମାନଙ୍କ ପିତାମାତା ଓ ପିଲାଙ୍କୁ ବୁଝାଶୁଝା କରି ସ୍କୁଲକୁ ଆଣିବାକୁ। ରାଜ୍ୟ ସରକାର ମାଗଣା ବହି, ୟୁନିଫର୍ମ, ମଧ୍ୟାହ୍ନ ଭୋଜନ, ସାଇକେଲ ଓ ବୃତ୍ତି ଆଦି ଦେଉଥିବା ନେଇ ସଚେତନ କରାଇଥିଲେ। ସ୍କୁଲ ଛାଡ଼ିଥିବା ଛାତ୍ରୀଛାତ୍ରମାନେ କିପରି ସ୍କୁଲକୁ ଫେରି ପାଠପଢ଼ି ସୁନାଗରିକ ଭାବେ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବେ ସେ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ବାପୁଜୀ ବିଦ୍ୟାପୀଠ ଉପ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ମଲ୍ଲିକ ସ୍କୁଲ ଛାଡ଼ିଥିବା ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା କ୍ଷେତ୍ରରେ ସମସ୍ତେ ସହଯୋଗ କଲେ ସଫଳତା ମିଳିପାରିବ ବୋଲି ପ୍ରକାଶ କରିଥିଲେ। ଏହି ସଭାରେ ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁ, ସୁରେଶ କୁମାର ନରେନ୍ଦ୍ର, ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ଲିଗାଲଏଡ କର୍ମଚାରୀ ମୋହନ ଦାଶ, ପିଏଲଭି ସଭ୍ୟ ରାଜନାରାୟଣ ସାମନ୍ତରାୟଙ୍କ ସମେତ ବିଦ୍ୟାପୀଠର ସମସ୍ତ ଶିକ୍ଷୟତ୍ରୀଶିକ୍ଷକ କର୍ମଚାରୀ ଓ ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶେଷରେ ବାପୁଜୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ରାଉତ ଧନ୍ୟବାଦ ଦେଇଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଆଦିବାସୀ ସଂସ୍କୃତି ପରମ୍ପରାର ପରିଚୟ ସର୍ଗିଫୁଲ



ତିଖିରି ସେବାଶ୍ରମ ଆବାସିକ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ସର୍ଗିଫୁଲ ମହୋତ୍ସବରେ ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

ମହାକାଳପଡ଼ା,୨୨।୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ଜିଲାସ୍ତରୀୟ ସର୍ଗିଫୁଲ ମହୋତ୍ସବ**

- **ପାଇକ ଆଖଡ଼ା, ବାଉଁଶରାଣୀ, ବାଘନୃତ୍ୟ, ଘୋଡ଼ାନାଚ, ସମ୍ବଲପୁରୀ ନୃତ୍ୟ ସଙ୍ଗୀତରେ ଝୁମିଲେ ଜନଜାତି ଛାତ୍ରୀ**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁସୂଚିତ ଜନଜାତିଙ୍କ ବିକାଶ କ୍ଷେତ୍ରରେ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଗ୍ରାମାଞ୍ଚଳର ଅନୁସୂଚିତ ଜନଜାତି କୋମଳମତି ଶିଶୁମାନଙ୍କ ଶିକ୍ଷାର ପ୍ରସାର ପାଇଁ ଆବାସିକ ବିଦ୍ୟାଳୟରେ ପଢ଼ିବା ନିମନ୍ତେ ସମସ୍ତ ପ୍ରକାର ମାଗଣାରେ ବ୍ୟବସ୍ଥା ହୋଇଛି। ପିଲାମାନଙ୍କ ଅନ୍ତର୍ନିହିତ ଗୁଣ ବିକାଶ ବୃଦ୍ଧି ପାଇବା ପାଇଁ ସାଂସ୍କୃତିକ ଉତ୍ସବ ପାଳନ କରୁଥିବା ଦେଖିବାକୁ ମିଳିଛି। ଶୁକ୍ରବାର ମହାକାଳପଡ଼ା ବ୍ଲକର ତିଖିରି ଅନୁସୂଚିତ ଜନଜାତି ବିଭାଗ ଆବାସିକ ବିଦ୍ୟାଳୟରେ ଜିଲାସ୍ତରୀୟ ସର୍ଗିଫୁଲ ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି ସର୍ଗିଫୁଲ (ଶାଳଫୁଲ)ର ମହକକୁ ପାରମ୍ପରିକ ଆଦିବାସୀମାନେ ଫୁଲର ସୌନ୍ଦର୍ଯ୍ୟ ଶାଳ ଅରଣ୍ୟରେ ଝଡ଼ିଯାଏ। ପାରମ୍ପରିକ ଆଦିବାସୀ ମହିଳା ଶିଶୁ ମିଳିତ ହୋଇ ମୁଣ୍ଡରେ ଶାଳଫୁଲ ଖୋସି ଶାଳଫୁଲର ବାସ୍ନା, ମହକକୁ ଉଜ୍ଜୀବିତ ରଖିବାକୁ ସାଂସ୍କୃତିକ ଉତ୍ସବରେ ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ନାଟକ ପରିବେଷଣ, ପାଇକ ଆଖଡ଼ା, ଘୋଡ଼ାନାଚ, ବାଉଁଶରାଣୀ, ବାଘନାଚ, ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ନୃତ୍ୟ କରି ପିଢ଼ି ପରେ ପିଢ଼ି ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ମୁଖ୍ୟ ଅତିଥି ଭାବେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ କହିଛନ୍ତି। ଏହି ଜିଲାସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ( ମଙ୍ଗଳ ବିଭାଗ) ସୌଜନ୍ୟତାରେ ଆୟୋଜିତ ହେଉଛି। ଜିଲାର କୁଳସାହି ଆଶ୍ରମ ସ୍କୁଲ ପଟ୍ଟାମୁଣ୍ଡାଇ, ମହାଦେଇପାଟଣା ଆଶ୍ରମ ସ୍କୁଲ ଓ ପଦନିପାଳ ଆଶ୍ରମ ସ୍କୁଲ ଆଳି, କଖାରୁଣୀ ସେବାଶ୍ରମ ପଟ୍ଟାମୁଣ୍ଡାଇ, ନାଗପୁରା ଆଶ୍ରମ ସ୍କୁଲ୍ କେନ୍ଦ୍ରାପଡ଼ା, ଧୂମାତ ସେବାଶ୍ରମ ସ୍କୁଲ କେନ୍ଦ୍ରାପଡ଼ା, ବେରୁହଁ ସେବାଶ୍ରମ ମାର୍ଶାଘାଇ ଓ ତିଖିରି ସେବାଶ୍ରମ ସ୍କୁଲ ସମେତ ୧୫୦ ରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ତର୍କ, ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯେଉଁ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିବ ସେହି ବିଦ୍ୟାଳୟ ରାଜ୍ୟସ୍ତରୀୟ ସର୍ଗିଫୁଲ ମହୋତ୍ସବରେ ଅଂଶଗ୍ରହଣ କରିବ ବୋଲି କୁହାଯାଇଛି। ଏଥିରେ ଜିଲା କଲ୍ୟାଣ ଅଧିକାରୀ ଗୁରୁଚରଣ ମଲିକ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ ସର୍ଗିଫୁଲ ମହୋତ୍ସବରେ ପ୍ରତିଭାବାନ ଛାତ୍ରୀଛାତ୍ରଙ୍କ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ ବୋଲି ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଅତିରିକ୍ତ କଲ୍ୟାଣ ଅଧିକାରିଣୀ ରଶ୍ମି ମଞ୍ଜରୀ ପ୍ରଧାନ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ଦାସ ଯୋଗଦେଇ ସର୍ଗିଫୁଲ ମହୋତ୍ସବ ଶିଶୁମାନଙ୍କ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାର ସମସ୍ତ ଆବାସିକ ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ମଧ୍ୟରେ ସଞ୍ଜୟ କୁମାର ସ୍ୱାଇଁ, ସୌମେନ୍ଦ୍ର ଦାସ, ରୋସ୍ନାବାଳା ମହାପାତ୍ର, ବିନତୀ ଦଳାଇ, ସୁଶୀଲ ମଲିକ, ଯୋଗେଶ ଚନ୍ଦ୍ର ବେହେରା, ଚନ୍ଦନ ମାରାଣ୍ଡି, କୁନୁ ପ୍ରିୟଦର୍ଶିନୀ ବେହେରା ଯୋଗଦେଇଥିଲେ। କୃତୀ ଛାତ୍ରୀମାନଙ୍କୁ ମାନପତ୍ର ସହ କପ୍ ପ୍ରଦାନ କରାଯାଇଥିଲା।

# ମୃତକଙ୍କ ପରିବାରକୁ କେସିସିଏଲ୍‌ର ସହାୟତା


ମୃତକଙ୍କ ପରିବାରକୁ କେସିସିଏଲର ସଭାପତି ପ୍ରମୋଦ ସାହୁ ସହାୟତା ପ୍ରଦାନ କରୁଛନ୍ତି।

କେନ୍ଦ୍ରାପଡ଼ା, ୨୨।୧୧ (ଜଗନ୍ନାଥ ଧଳ)

ପାରାଦୀପ–ଚଣ୍ଡିଖୋଲ ଜାତୀୟ ରାଜପଥ ଗୋପ ଛକ ନିକଟରେ ବୁଧବାର ସଡ଼କ ଦୁର୍ଘଟଣା ହୋଇଥିଲା। ଏଥିରେ ମୃତ୍ୟୁବରଣ କରିଥିବା ଦୁତିଆଳ ଗ୍ରାମର ସନ୍ତୋଷ ସେନାପତିଙ୍କ (୪୬) ମୃତ୍ୟୁ ହୋଇଥିଲା। ଏଥିସହିତ ତାଙ୍କ ଝିଅାରୀ ଓ ସାନପୁଅ ସିପୁନ୍ (୯) ଦୁର୍ଘଟଣାରେ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଖବର ପରେ କେନ୍ଦ୍ରାପଡ଼ା କ୍ରେଡିଟ୍–କୋ ଅପରେଟିଭ ସୋସାଇଟି (କେସିସିଏଲ)ର ସଭାପତି ତଥା ସମବାୟବିତ୍ ପ୍ରମୋଦ ସାହୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସଭାପତି ସାହୁ କହିଛନ୍ତି, ସୋସାଇଟି ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ, ଉଚ୍ଚଶିକ୍ଷା ନିମନ୍ତେ ଗରିବ, ମେଧାବୀ ଛାତ୍ରୀଛାତ୍ର ଏବଂ ଆନ୍ତର୍ଜାତୀୟ ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ କୃତୀ ଖେଳାଳିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଆସୁଛି। ଟାଉନ ଶାଖା ପରିଚାଳକ ସୌଭାଗ୍ୟ ମଞ୍ଜରୀ ନାୟକ, ହିସାବ ରକ୍ଷକ ପ୍ରଣବ ରାଉତରାୟ, ଦେବାଶିଷ ମିଶ୍ର, ନାରାୟଣ ମହାରଣା, ହୃଦାନନ୍ଦ ବାରିକ, ଅରକ୍ଷିତ ଜେନା, ରଞ୍ଜନ ରଣା ଓ ସଂଗ୍ରାମ ବେହେରା ପ୍ରମୁଖ ଏହ ସହାୟତା ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁକୁ ନେଇ ସନ୍ଦେହ

କେନ୍ଦ୍ରାପଡ଼ା, ୨୨।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଟାଉନ ଥାନା ବଡ଼ବାରଙ୍ଗ ଗ୍ରାମର ଜନ୍ମେଜୟ ପତିଙ୍କ ପୁଅ ହୃଦାନନ୍ଦ (୨୫) ଙ୍କର ମୃତଦେହ ନିକଟସ୍ଥ ପୋଖରୀରୁ ଶୁକ୍ରବାର ଉଦ୍ଧାର ହୋଇଛି। ଗୁରୁବାର କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ହୃଦାନନ୍ଦ ଗ୍ରାମର ଶଙ୍ଖେଶ୍ୱର ମନ୍ଦିର ପୋଖରୀକୁ ଯାଇଥିଲେ। ସେଠାରେ ପାଣିରେ ବୁଡ଼ି ସେ ମୃତ୍ୟୁବରଣ କରିଥିବା ସକାଳୁ ଜଣାପଡ଼ିଥିଲା। ବିଳମ୍ବିତ ରାତ୍ରି ଯାଏଁ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପୋଖରୀ ତୁଠରେ ଚପଲ ପଡ଼ିଥିବା ଏବଂ ସେ ପାଣିରେ ବୁଡ଼ି ଯାଇଥିବା ସନ୍ଦେହ କରି ଅଗ୍ନିଶମ କର୍ମଚାରୀମାନେ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ତାଙ୍କର ମୃତ୍ୟୁ ସନ୍ଦେହଜନକ ଥିବାରୁ ପରିବାର ସଦସ୍ୟ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ କରୁଥିବା ଆଇଆଇସି ଦିଲୀପ କୁମାର ସାହୁ ସୂଚନା ଦେଇଛନ୍ତି।

# ରାସ୍ତା, ଜଳ ସମ୍ପଦ, ପାନୀୟ ଜଳକୁ ଗୁରୁତ୍ୱ

ଡେରାବିଶ,୨୨।୧୧ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ପଞ୍ଚାୟତ ସମିତିର ୫ମ ସାଧାରଣ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିରରେ ଥିବା ସଭାଗୃହରେ ଅନୁଷ୍ଠିତ ଅଧିବେଶନରେ ସମିତି ଅଧକ୍ଷା ପ୍ରଭାତି ମଲିକ ଅଧକ୍ଷତା କରିଥିଲେ। ଉପସ୍ଥିତ ସମସ୍ତ ଲୋକ ପ୍ରତିନିଧିଙ୍କୁ ଅଧକ୍ଷା ମଲିକ ଶୁଭେଚ୍ଛା ଜଣାଇବା ସହ ପଞ୍ଚାୟତ ସମିତି ଅଧୀନରେ ଥିବା ସମସ୍ତ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅଧିବେଶନରେ ବିଡିଓ ନମିତା ବାରିକ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇ ସମସ୍ତ ଲୋକ ପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ନିର୍ବାଚନ ପରେ ତାଙ୍କର ପ୍ରଥମ ବୈଠକ ହୋଇଥିବାରୁ ପଞ୍ଚାୟତ ସମିତି ଅଧୀନରେ ଥିବା ସମସ୍ତ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଉପସ୍ଥିତ ସରପଞ୍ଚ ଓ ସମିତିସଭ୍ୟମାନେ ଆଲୋଚନା କରିବାକୁ ବିଧାୟକ ଅନୁରୋଧ କରିଥିଲେ। ଏହାସହ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ସେ କହିଥିଲେ। ଏହି ଅଧିବେଶନରେ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ପ୍ରତିନିଧି ଭାବେ ମନିଷା ପଣ୍ଡା, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ତହସିଲଦାର ପ୍ରଜ୍ଞା ପରିମିତା ପୃଷ୍ଟି, ଜିଲାପରିଷଦ ସଭ୍ୟ ଧନେଶ୍ୱର ସେଠୀ ଓ ଅରବିନ୍ଦ ମଲିକ ପ୍ରମୁଖ ଯୋଗଦେଇଥିଲେ।

କାର୍ଯ୍ୟସୂଚୀ ଅନୁଯାୟୀ, ପୂର୍ବ ବୈଠକର ବିବରଣୀ ପଠନ ଓ ଦୃଢ଼ୀକରଣ ଉପରେ ଆଲୋଚନା ହେବା ପରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଉପରେ ହୋଇଥିବା ଆଲୋଚନା ବେଳେ ବିଭାଗୀୟ ଅଧିକାରୀ ଇଂ. ଶୈଳେନ୍ଦ୍ର କୁମାର ବିଶ୍ୱାଳ, ଇଂ. ଅଜୟ କୁମାର ଦାସ ସମ୍ପୃକ୍ତ ବିଭାଗ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ ବିଭିନ୍ନ କେନାଲର ଉନ୍ନତିକରଣ ଉପରେ ସୂଚାନା ଦେଇଥିଲେ। ତେବେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗୀୟ ଆଲୋଚନା ସମୟରେ ବ୍ଲକ ଅଧୀନ ଛୋଟି, ବେଣୀପୁର, ନହଙ୍ଗ, ଗୋଲରାହାଟ, ମଙ୍ଗଳପୁର ଓ କୁଶିଆପାଳ ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ନେଇ ବୈଠକରେ ଉପସ୍ଥିତ ଥିବା ସରପଞ୍ଚ ଓ ସମିତିସଭ୍ୟମାନେ ଆଲୋଚନା କରିଥିଲେ। ଉତ୍ତରରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରୁଦ୍ର ପ୍ରସାଦ ସେଠୀ ବିଭିନ୍ନ ପଞ୍ଚାୟତ ହେଉଥିବା ପାନୀୟ ଜଳ ସମସ୍ୟା ଉପରେ ବିଭାଗୀୟ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ତେବେ ବିଧାୟକ ମହାପାତ୍ର ଏହି ଆଲୋଚନାରେ ହସ୍ତକ୍ଷେପ କରି ସମଗ୍ର ନିର୍ବାଚନମଣ୍ଡଳୀରେ ପାନୀୟ ସମସ୍ୟା ସମ୍ପର୍କରେ ସେ ବିଧାନସଭାରେ ଦାବି ଉପସ୍ଥାପନ କରିବା ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିଥିବା ନେଇ ସୂଚନା ଦେଇଥିଲେ। ଏଥିସହ ସମନ୍ୱିତ ଶିଶୁ ବିକାଶ ବିଭାଗ, କୃଷି, ସ୍ୱାସ୍ଥ୍ୟ, ଯୋଗାଣ ଓ ଶିକ୍ଷା ବିଭାଗ ସହ ଅନ୍ୟ ଆଲୋଚନା ହୋଇଥିଲା। ଅଧିବେଶନରେ ବିଭିନ୍ନ ବିଭାଗ ଉପରେ ହୋଇଥିବା ଆଲୋଚନାରେ ସରପଞ୍ଚ ଅକ୍ଷୟ କୁମାର ସାହୁ, କଳ୍ପନା ବେହେରା, ରଜନୀ ମଲିକ, ମଧୁସ୍ମିତା ଦାସ, ବିଳାସିନୀ ସେଠୀ, ତୃପ୍ତିମୟୀ କର, ସୁଧୀର କୁମାର ଖଟୁଆ, ଅରିକ୍ଷିତ କାଣ୍ଡି, ଶିଶିର କୁମାର ସାମଲ, ସୁରେନ୍ଦ୍ର ମଲିକ, ପ୍ରବୀର ସିଂହ ପ୍ରମୁଖ ସାମିଲ ହୋଇଥିଲେ। ଏଥିସହ ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ସସ୍ମିତା ବଳ, ସମିତିସଭ୍ୟ ସରୋଜକାନ୍ତ ସାହୁ, ନିରଞ୍ଜନ କର, କୃଷ୍ଣଚନ୍ଦ୍ର ସାହୁ, ଫନୀନ୍ଦ୍ର ବେହେରା, ଅକ୍ଷୟ କୁମାର ନାୟକ, ପ୍ରଫୁଲ୍ଲ ସେଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଇଓ ଶ୍ରୀକାନ୍ତ ବେହେରା, ଏବିଇଓ ଖଗେଶ୍ୱର ନାୟକ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଚିତରଞ୍ଜନ ବେହେରା, ବ୍ଲକ ସହକାରୀ କୃଷି ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ବିଭାଗ ସୁପରଭାଇଜର ମିନାକ୍ଷୀ ରାଉତ ଓ ରୁନୁଲତା ଓଝା ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଆଶୁତୋଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମୀ ଦେବୀ ଧନ୍ୟବାଦ ଦେଇଥିଲେ।



ଅଧିବେଶନରେ ବିଧାୟକ ଅରବିନ୍ଦ ମହାପାତ୍ର ଓ ଅନ୍ୟମାନେ।


ଯୋଗ ଦେଇଥିବା ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ।

**ଡେରାବିଶ ପଞ୍ଚାୟତ ସମିତିର ୫ମ ସାଧାରଣ ଅଧିବେଶନ**

# ବିନା ସଚେତନତାରେ ମେଳା, ଚାଷୀଙ୍କ କ୍ଷୋଭ ପ୍ରକାଶ

ନୟାଗଡ଼,୨୨।୧୧(ଲୋକନାଥ ମିଶ୍ର)



ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ଯୋଗ ଦେଇଥିବା ଚାଷୀମାନେ।

ନୟାଗଡ ଷ୍ଟାଡିୟମରେ ଗୁରୁବାର ଉଦ୍‌ଘାଟିତ ହୋଇଥିବା ୨ ଦିନିଆ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ତେବେ ମେଳା ନେଇ ସଚେତନତା ସୃଷ୍ଟି କରାଯାଇ ନ ଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ, କେତେଜଣ ଅଣଚାଷୀଙ୍କୁ ଚାଷୀ ଦର୍ଶାଇ ମେଳାକୁ ସଫଳ କରାଗଲା ବୋଲି ଡିଣ୍ଡିମ ପିଟାଯାଉଛି। ବାସ୍ତବରେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ନେଇ ସଚେତନତା କରାଯାଇ ନ ଥିବାରୁ ସରକାରଙ୍କ ଲକ୍ଷ୍ୟ ପୂରଣ ହୋଇ ପାରି ନ ଥିବା କୁହାଯାଇଛି।

ଏ ନେଇ ରଣପୁର ବ୍ଲକ ଲତାର ଗାଁର ଚାଷୀ ଗଗନ ବିହାରୀ ପରିଡ଼ା କହିଛନ୍ତି, ୩ଟି ଜର୍ସି ଗାଈ ଅଛି। ରଣପୁର ପ୍ରାଣୀଧନ ଚିକିତ୍ସାଳୟ ସହ ଭଲ ସମ୍ପର୍କ ଅଛି। ହେଲେ ଜିଲାସ୍ତରୀୟ ମେଳା ନେଇ ଆମକୁ କୁହାଗଲା ନାହିଁ। ଲତାରର ଗୋବିନ୍ଦ କହଲ ସିଂ କହିଛନ୍ତି, ଦେଶୀ ଗାଈ ପାଳନ କରେ। ମୋର ୫ଟି ଗାଈ ଅଛି। ଦେଶୀ ଗାଈ ପାଳନ କରିବା ନେଇ ସଚେତନତା କରି ଆସୁଛି। ତେବେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ନେଇ ଆମ ଅଞ୍ଚଳରେ ଆଦୌ ସଚେତନତା କରାଯାଇନାହିଁ। ଏଣୁ ଆମେ ମେଳା ଶେଷ ହୋଇଗଲା ପରେ ବି ଜାଣିପାରିଲୁ ନାହିଁ। ଦଶପଲ୍ଲା ଏନ୍‌ଏସିର ଶରତ ଚନ୍ଦ୍ର ବେହେରା କହିଛନ୍ତି, ଗୋଚାଷୀ ଭାବେ ଜର୍ସି ଗାଈ ରଖିଛି। ହେଲେ ଦଶପଲ୍ଲା ଅଞ୍ଚଳରେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ନେଇ ସଚେତନତା କାହିଁକି କରାଗଲାନି ଜାଣିପାରୁନାହିଁ। ନୂଆଗାଁର ଗୋ ଚାଷୀ ଗଣେଶ ଲେଙ୍କା କହିଛନ୍ତି, ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ନେଇ ଆମ ଗାଁ କାହିଁକି ଏ ନେଇ ଜିଲାରେ ଠିକ୍‌ରେ ସଚେତନତା କରାଯାଇନାହିଁ। ଏଣୁ ଆଗ୍ରହୀ ଚାଷୀମାନେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାକୁ ଯାଇପାରିଲି ନାହିଁ। ବାଲୁଗାଁର ଚାଷୀ ରଣଜିତ ଦଳବେହେରା କହିଛନ୍ତି, ମାଛ ଚାଷ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ହେଲେ ମାଛ ଚାଷୀଙ୍କ ପାଖରେ ଯୋଜନା ଅପହଞ୍ଚ ହୋଇ ରହିଯାଇଛି। କେତେଜଣ

## ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା

ଅଣଚାଷୀ ଫାଇଦା ନେଉଛନ୍ତି। ଏଇ ଯେପରି ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ କେତେଜଣ ଚାଷୀଙ୍କୁ ବସ୍ ଯୋଗେ ନିଆଯାଇଛି। ଏଥିରୁ ଅଧିକାଂଶ ମେଳା ନେଇ ଜାଣିନାହାନ୍ତି। ଏପରିକି ମେଳାରେ କ'ଣ କରାଗଲା, ମେଳାର ଉଦ୍ଦେଶ୍ୟ କ'ଣ ସେମାନଙ୍କୁ ଜଣା ନ ଥିଲା। ଏଣୁ ସରକାରୀ ଯୋଜନାଗୁଡ଼ିକର ସୁଫଳ ବାଟବଣା ହୋଇଯାଉଛି। ଭାପୁରର ହରିବନ୍ଧୁ ନାଥ ଓ ସୁଦାମ ବଳବନ୍ତରାୟ କହିଛନ୍ତି, ଆମେ ଗୋ ଚାଷ କରି ଆସୁଛୁ। ହେଲେ ସରକାରୀ ଯୋଜନା ଅମ ପାଖରେ ପହଞ୍ଚି ପାରୁନାହିଁ। ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ନେଇ ଆମ ପରି ଅନେକ ଚାଷୀ ଅବଗତ ନାହାନ୍ତି। ବିନା ସଚେତନତାରେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା କରିବା ଠିକ୍ ନୁହେଁ ବୋଲି ଦର୍ଶାଇ କ୍ଷୋଭ ପ୍ରକାଶ କରିଛନ୍ତି। ଖଣ୍ଡପଡ଼ା ବ୍ଲକ କାଦୁଆ ଗାଁର ଚାଷୀ ଯୋଗେନ୍ଦ୍ର ପଣ୍ଡା ଓ ଗୋକୁଳାନନ୍ଦ ଜେନା କହିଛନ୍ତି, ଆମେ ଗୋ ଚାଷୀ ହୋଇଥିଲେ ହେଁ କୌଣସି ସୂଚନା ଦିଆଗଲାନାହିଁ। କେତେଜଣ ଅଣଚାଷୀଙ୍କୁ ଚାଷୀ ଦର୍ଶାଇ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ସାମିଲ କରାଯାଇଥିବା ଆମେ ଶୁଣୁଛୁ। ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସମ୍ପର୍କରେ ବିଭାଗ ପକ୍ଷରୁ ଆଗୁଆ ସଚେତନତା କରାଇବାର ଆବଶ୍ୟକତା ରହିଥିଲା। ହେଲେ ଏ ନେଇ ସଚେତନତା କରାଗଲାନାହିଁ। ଓଡଗାଁ ବ୍ଲକ କେନ୍ଦୁପଲ୍ଲୀ ଗାଁର ଚାଷୀ ଚିତ୍ତ ରଞ୍ଜନ ବେହେରା, ଝୁଲିଆ ନାୟକ ଓ ପ୍ରଭାତ ପ୍ରଧାନ କହିଛନ୍ତି, ବିନା ସଚେତନତାରେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା କରାଯିବା ଦ୍ୱାରା ସରକାରୀ ଧନ ଅପବ୍ୟୟ ହେଲା। ସରକାର ଯେଉଁ ମହତ୍ ଉଦ୍ଦେଶ୍ୟ ରଖି ମେଳାର ଆୟୋଜନ କରିଥିଲେ ତାହା ଫସର ଫାଟି ଯାଇଛି। ଏପରି ଲୋକଦେଖାଣିଆ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା କରିବା ଅପେକ୍ଷା ନ କରିବା ଭଲ ହୋଇଥାନ୍ତା। ମତ୍ସ୍ୟ ଚାଷୀ ଗଣିଆର ସୁଦାମ ପ୍ରଧାନ କହିଛନ୍ତି, ମେଳା କେଉଁଠି ହେଉଛି ଆମେ ଜାଣିନୁ। ତେବେ ଆମକୁ ମତ୍ସ୍ୟ ବିଭାଗର କୌଣସି ସୂଚନା ଦିଆଯାଉନାହିଁ। ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାକୁ ଡାକିଥିଲେ ଆମେ କିଛି ଶିଖି ପାରିଥାନ୍ତୁ।

# ଟାଟା ପାୱାର କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ

ଓଡ଼ଗାଁ, ୨୨।୧୧
(ଆଦର୍ଶ କୁମାର ପଟ୍ଟନାୟକ)

- ବିଦ୍ୟୁତ୍ ପୁନଃ ସଂଯୋଗ ପାଇ ଦାବି ଜୋର ଧରିଲା
- ୩ ଘଣ୍ଟା କର୍ମଚାରୀ ଅଟକ

ନୟାଗଡ଼ ଜିଲା ଓଡ଼ଗାଁ ଥାନା ମଶାବାରୀ ଗାଁର ଚାଷୀମାନେ ବିଦ୍ୟୁତ୍ ସଂଯୋଗ ପାଇଁ ସ୍ଥାନୀୟ ଟାଟା ପାୱାର କାର୍ଯ୍ୟାଳୟରେ ଆପତ୍ତି ଅଭିଯୋଗ କରିବା ପରେ କେହି ନ ଶୁଣିବାରୁ ଶୁକ୍ରବାର ସେମାନେ ତାଲା ପକାଇ ଦେଇଥିଲେ। ଫଳରେ କାର୍ଯ୍ୟାଳୟ ଭିତରେ କର୍ମଚାରୀମାନେ ୩ ଘଣ୍ଟା ଅଟକ ରହିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିବା ସହ ପୁନର୍ବାର ବିଦ୍ୟୁତ୍ ସଂଯୋଗ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିବା ପରେ ଚାଷୀମାନେ ଫେରି ଯାଇଥିଲେ।

ବିଦ୍ୟୁତ୍ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଏ, ଓଡ଼ଗାଁ ବିଦ୍ୟୁତ୍ ସେକ୍ସନକୁ ୨ ଭାଗରେ ବିଭକ୍ତ କରାଯାଇଛି। ଉକ୍ତ ଚାଷୀମାନେ ୨ ନମ୍ବର ଯନ୍ତ୍ରୀଙ୍କ ଅଧୀନରେ ଆସୁଥିବାବେଳେ ୧ ନମ୍ବର ଯନ୍ତ୍ରୀଙ୍କ ଅଞ୍ଚଳରୁ ବିଦ୍ୟୁତ୍ ଯୋଗଣ କରାଯାଇଥିଲା। ୧ ନମ୍ବର ଯନ୍ତ୍ରୀ ୪ ନଂ. ଖୁଣ୍ଟିରେ ଥିବା ୩ ସ୍ଥାନ ତାର କାଟି ନେଇ ଯାଇଥିଲେ। ଫଳରେ ବିଦ୍ୟୁତ୍ ଯୋଗଣ ବନ୍ଦ ହୋଇଯାଇଥିଲା। ଫଳରେ ପାଣି ପମ୍ପ ନ ଚାଲିବାରୁ ଚାଷୀଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ସେମାନେ ଅଭିଯୋଗ କରିବା ପରେ କୌଣସି ଫଳ ନ ମିଳିବାରୁ ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ସୂଚନାପାଇ ମ୍ୟାନେଜର ନୟାଗଡ଼ ଚାଷୀମାନଙ୍କୁ ପୁନଃ ବିଦ୍ୟୁତ୍ ଯୋଗଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ୍ ସଂଯୋଗ ପରେ ଚାଷୀମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। ସୂଚନା ଥାଉ କି ପୂର୍ବେ ୨ ଯନ୍ତ୍ରୀଙ୍କ ଅଧୀନରେ ଥିବା ଏହି ଚାଷୀମାନେ ୨ ନମ୍ବର ଅଞ୍ଚଳରୁ ବିଦ୍ୟୁତ୍ ନେଇ ଚାଷ କାମ କରୁଥିଲେ। ପରେ ସେମାନଙ୍କୁ ୨ ନମ୍ବର ଅଞ୍ଚଳରୁ କାଟି ୧ ନମ୍ବର ଅଞ୍ଚଳରୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ଏହାକୁ ବେଆଇନ ଦର୍ଶାଇ ୧ ନମ୍ବର ଅଞ୍ଚଳର ଯନ୍ତ୍ରୀ ତାର କାଟି ଆଣିଥିଲେ। ଫଳରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିଲା।

# କଣ୍ଟିଲୋରୁ ଖଣ୍ଡପଡ଼ା ସଂଯୋଗ ରାସ୍ତା ସମ୍ପ୍ରସାରଣ ଦାବି



ଖଣ୍ଡପଡ଼ା,୨୨।୧୧
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋରୁ ଖଣ୍ଡପଡ଼ାକୁ ସଂଯୋଗ କରୁଥିବା ରାସ୍ତାର ସମ୍ପ୍ରସାରଣ ନିମନ୍ତେ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। କଣ୍ଟିଲୋରୁ ଖଣ୍ଡପଡ଼ାକୁ ସଂଯୋଗ କରୁଥିବା ରାସ୍ତାର ମୁଖ୍ୟ ରାଜ୍ୟ ରାଜପଥ ରାସ୍ତା ପେଟ୍ରୋଲ ପମ୍ପଠାରୁ ଶୁଳିଆ ଛକ ପର୍ଯ୍ୟନ୍ତ ପ୍ରାୟ ୩ କି.ମି. ଦୂରତ୍ୱ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବାବେଳେ ଶୁଳିଆ ଛକଠାରୁ ଖଣ୍ଡପଡ଼ା ପ୍ରାୟ ୧୦ କି.ମି. ଦୂରତା ବିଶିଷ୍ଟ ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହି ୨ ସଂକୀର୍ଣ୍ଣ ରାସ୍ତାକୁ ସମ୍ପ୍ରସାରଣ କରିବା ନିମନ୍ତେ ବାରମ୍ବାର ଦାବି ହୋଇ ଆସୁଛି। ସେହିପରି ରାସ୍ତା ପାର୍ଶ୍ୱରେ ଥିବା ଶହ ଶହ ଉଠା ଦୋକାନୀଙ୍କ ଯୋଗୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି।

କଣ୍ଟିଲୋ ବଜାରଠାରୁ ନୀଳମାଧବ ପଶ୍ଚିମ ଦ୍ୱାର ଦୂରତ୍ୱ କମ ରହିଥିବାରୁ ପ୍ରତ୍ୟେହ ବିଭିନ୍ନ ଯାନବାହନ ଯୋଗେ ଶତାଧିକ ପର୍ଯ୍ୟଟକ ଶ୍ରୀନୀଳମାଧବଜୀଉଙ୍କ ଦର୍ଶନରେ ଆସିଥାନ୍ତି। ମାତ୍ର ଏହି ରାସ୍ତାର ଉଭୟପାର୍ଶ୍ୱରେ ଉଠା ଦୋକାନୀମାନେ ସେମାନଙ୍କ ପସରା ମେଲାଇ ବେପାର କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ପ୍ରତ୍ୟେହ ଉକ୍ତ ରାସ୍ତାରେ ଶହ ଶହ ଛାତ୍ରୀଛାତ୍ର ଓ ଆଖପାଖ ଅଞ୍ଚଳର ଜନସାଧାରଣ ଯାତାୟାତ କରୁଛନ୍ତି। ଅପରପକ୍ଷରେ ବଜାର ସଉଦା, ପନିପରିବା କ୍ରୟ ଲାଗି ଶହ ଶହ ବ୍ୟକ୍ତି ବିଭିନ୍ନ ଯାନବାହନରେ ଆସି ରାସ୍ତାରେ ଅଧିକ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି। ଟ୍ରାଫିକ୍ ସମସ୍ୟା ଯୋଗୁ ଯାତାୟାତରେ ବିଭିନ୍ନ ଅସୁବିଧା ସୃଷ୍ଟି ହୋଇଥାଏ। ଉକ୍ତ ରାସ୍ତାରେ ଅବସ୍ଥିତ ଖଳିସାହି ବଜାରଠାରେ ଯାନବାହନ ଗୁଡ଼ିକୁ ଅତିକ୍ରମ କରିବାକୁ ୨୫ରୁ ୩୦ମିନିଟ ସମୟ ଲାଗୁଛି। ଖଣ୍ଡପଡ଼ାରୁ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତାର ଦୂରତ୍ୱ ୧୩ କିଲୋମିଟର ହୋଇଥିବା ବେଳେ ଯାତ୍ରୀବାହୀ ବସ୍ ଓ ଯାନବାହନଗୁଡ଼ିକୁ ଏବେ ଏହି ରାସ୍ତା ଅତିକ୍ରମ କରିବାକୁ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗୁଛି। ବର୍ଷତମାମ ରାଜ୍ୟର କୋଣ ଅନୁକୋଣ ଓ ରାଜ୍ୟ ବାହାରରୁ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ପ୍ରଭୁ ଶ୍ରୀନୀଳମାଧବଙ୍କୁ ଦର୍ଶନ ନିମନ୍ତେ ଯାନବାହନ ଯୋଗେ କଣ୍ଟିଲୋ ଆସୁଥିବା ବେଳେ ରାସ୍ତାର ଦୂରାବସ୍ଥାକୁ ନେଇ ପ୍ରତି ମୁହୂର୍ତ୍ତରେ ପ୍ରମାଦ ଗଣୁଛନ୍ତି। ତେଣୁ ସର୍ବସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ସମ୍ପ୍ରସାରଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟୟର ପ୍ରତିବାଦ



ଆଲୋଚନାରେ କ୍ରିୟାନୁଷ୍ଠାନର କର୍ମକର୍ତ୍ତା ଓ ଡାକ୍ତର।

ନୟାଗଡ଼/ଭାପୁର,୨୨।୧୧
(ଲୋକନାଥ ମିଶ୍ର/ଭରତ କୁମାର ବେହେରା)

## କ୍ରିୟାନୁଷ୍ଠାନ କମିଟିର ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଆଲୋଚନା

ନୟାଗଡ଼ ଜିଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ସହ ଅନ୍ୟାନ୍ୟ ଦାବି ପ୍ରତିବାଦରେ ଭାପୁର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ ନେତୃତ୍ୱରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱନାଥ ସାହୁଙ୍କ ସହ ଆଲୋଚନା ହୋଇଛି। ଠିକ ଭାବେ ସ୍ୱାସ୍ଥ୍ୟସେବା ନ ମିଳିବାରୁ ଜିଲାର ସର୍ବପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଲକ୍ଷାଧିକ ରୋଗୀ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ରୋଗୀମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଦାନ, ନିରାମୟ କେନ୍ଦ୍ରରୁ ସୁବିଧାରେ ରୋଗୀମାନଙ୍କୁ ଔଷଧ ପ୍ରଦାନ, ଡାକ୍ତରଖାନାରେ ଉପଲବ୍ଧ ଆୟୁର୍ବେଦିକ ଔଷଧ ବିତରଣ କରିବା, ଡାକ୍ତରଖାନାରେ ପାଳିଲେ ଡ୍ୟୁଟି ନ କରି ସମସ୍ତ ଡାକ୍ତର ନିୟମିତ କାର୍ଯ୍ୟ କରିବା, ବିଭିନ୍ନ ବିଭାଗର ଦାୟିତ୍ୱରେ ରହିଥିବା ଡାକ୍ତରଙ୍କ ନାମ ବିବରଣୀ ଫୋନ୍ ନମ୍ବର୍ ବୋର୍ଡରେ ଲିପିବଦ୍ଧ ରହିବା, ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମମାନଙ୍କ ପାଇଁ ମେଡିକାଲରେ ସୁବ୍ୟବସ୍ଥା କରିବା, ରୋଗୀମାନଙ୍କୁ ଶୁଖିଲା ଖାଦ୍ୟ ପରିବର୍ତ୍ତେ ମେଡିକାଲରେ ରନ୍ଧା ଖାଦ୍ୟ ଯୋଗାଇଦେବା, ଡାକ୍ତର ରୋଗୀ ଦେଖୁଥିବା ବେଳେ କୌଣସି ମେଡିସିନ ରିପ୍ରେଜେଟିଭ ଡାକ୍ତରଙ୍କୁ ସାକ୍ଷାତ ନ କରିବା, ମେଡିକାଲରେ ଖରାପ୍ ହୋଇଥିବା ୩ଟି ଆକ୍ୱାଗାର୍ଡ ମେଶିନକୁ ତୁରନ୍ତ ସଜାଡ଼ିବା, ରୋଗୀମାନଙ୍କ ବିଛଣାରେ ପଡ଼ିଥିବା ବେଡ୍ ସିଟ୍ ବଦଳେଇବା, ରୋଗୀମାନଙ୍କ ପାଇଁ ଏସି ଲଗାଇବା, ଶବ ବ୍ୟବଚ୍ଛେଦ ଗୃହ, ମେଡିକାଲରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଡାକ୍ତର, ଷ୍ଟାଫ ନର୍ସ ଓ ଅନ୍ୟ ପଦବୀଗୁଡ଼ିକ ତୁରନ୍ତ ପୂରଣ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ୧୫ ଦିନ ମଧ୍ୟରେ ଏସବୁ ସମସ୍ୟାଗୁଡ଼ିକର ସମାଧାନ ନ ହେଲେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ମଧ୍ୟ ଦେଇଥିଲେ। ଆଲୋଚନାରେ ଡା. ପ୍ରଦୀପ କୁମାର ପାଇକରାୟ, ଡା.ସତ୍ୟ ପ୍ରିୟ ସାହୁ , ଡା. ଲଳିତ ମୋହନ ଗୁରୁ ସମେତ ମେଡିକାଲର କର୍ମଚାରୀ ଉପସ୍ଥିତ ରହିଥିଲେ। କ୍ରିୟାନୁଷ୍ଠାନ କମିଟି ତରଫରୁ ଗଙ୍ଗାଧର ବାରିକ, ମୁକୁନ୍ଦ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭରତ କୁମାର ପ୍ରଧାନ, ଶିଶିର କୁମାର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରବିବାର ଭଏସ୍ ଅଫ୍ ନୟାଗଡ଼ ପ୍ରତିଯୋଗିତା

ନୟାଗଡ଼,୨୨।୧୧(ଲୋକନାଥ ମିଶ୍ର)

ନୟାଗଡ଼ର ଏକ ଘରୋଇ କଲେଜରେ ଆସନ୍ତା ରବିବାର ଭଏସ୍ ଅଫ୍ ନୟାଗଡ଼ର ପ୍ରଥମ ପର୍ଯ୍ୟାୟ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଚାରକଙ୍କ ଦ୍ୱାରା ମନୋନୀତ କଣ୍ଠଶିଳ୍ପୀ ପ୍ରଥମ ପର୍ଯ୍ୟାୟ ପରେ ସିଧାସଳଖ ସେମିଫାଇନାଲ ରାଉଣ୍ଡକୁ ଉନ୍ନୀତ ହେବେ। ସେମିଫାଇନାଲ ପର୍ଯ୍ୟାୟରୁ ଶ୍ରେଷ୍ଠ ୧୦ ଜଣ କଣ୍ଠଶିଳ୍ପୀ ଫାଇନାଲ ପର୍ଯ୍ୟାୟକୁ ଯାଇ ପାରିବେ। ଏଥିରେ ଓଡ଼ିଶାର ପ୍ରସିଦ୍ଧ ସଂଗୀତଜ୍ଞମାନେ ବିଚାରକ ଭାବେ ଯୋଗଦେଇ ୧୦ ଜଣଙ୍କ ମଧ୍ୟରୁ ଜଣକୁ ଭଏସ୍ ଅଫ୍ ନୟାଗଡ଼ ଭାବେ ଚୟନ କରିବେ। ଏଥିସହ ଅନ୍ୟ ୨ ଜଣ ପ୍ରତିଯୋଗୀଙ୍କୁ ରନର୍ସ ଅପ୍-୧ ଓ ରନର୍ସ ଅପ୍-୨ ଭାବେ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ। ବିଜୟୀ ପ୍ରତିଯୋଗୀଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ। ରନର୍ସ ଅପ୍-୧ଙ୍କୁ ୩ ହଜାର ଟଙ୍କା ପୁରସ୍କାର ସହ ଟ୍ରଫି ଓ ମାନପତ୍ର, ରନର୍ସ ଅପ୍-୨ଙ୍କୁ ୨ ହଜାର ଟଙ୍କା ପୁରସ୍କାର ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ। ଏଥିରେ ୧୨ରୁ ୨୩ ବର୍ଷ ବୟସ ମଧ୍ୟରେ କଣ୍ଠଶିଳ୍ପୀ ଅଂଶଗ୍ରହଣ କରିପାରିବେ। କେବଳ ଓଡ଼ିଆ ଗୀତ ଗାଇବା ସହ କ୍ଲାସିକାଲ, ସେମି କ୍ଲାସିକାଲ, ଭଜନ, ଜଣାଣ, ସୁଗମ ସଙ୍ଗୀତ, ଆଧୁନିକ ସଙ୍ଗୀତ ଓ ଲୋକଗୀତ ଗାଇ ପାରିବେ। କିନ୍ତୁ ଦ୍ୱିଅର୍ଥ ବୋଧକ ଓ ଅଶ୍ଳୀଳ ସଙ୍ଗୀତ ଗାନ କରାଯାଇପାରିବ ନାହିଁ। ଅନ୍‌ଲାଇନ୍ ପଞ୍ଜୀକରଣ ପାଇଁ ୯୯୩୭୪୭୨୫୧୬ ନଂ. ମୋବାଇଲକୁ ଯୋଗାଯୋଗ କରିପାରିବେ। ପ୍ରତିଯୋଗିତାରେ ଭାଗନେବା ପାଇଁ ବୟସଗତ ପ୍ରମାଣପତ୍ର ବାଧ୍ୟତାମୂଳକ ବୋଲି ଭଏସ୍ ଅଫ୍ ନୟାଗଡ଼ କାର୍ଯ୍ୟକ୍ରମର ଅଧ୍ୟକ୍ଷ ଶରତ ଚନ୍ଦ୍ର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ନୟାଗଡ଼ କ୍ଲବ୍‌ର ସଭାପତି ଅଶୋକ କୁମାର ନାୟକ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। ଶେଷରେ ନୟାଗଡ଼ କ୍ଲବ୍‌ର ସମ୍ପାଦକ ଶ୍ରୀଧର ସାହୁ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଥାଉ କି ନୟାଗଡ଼ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ସଙ୍ଗୀତ ପ୍ରତିଯୋଗିତା ଭଏସ୍ ଅଫ୍ ନୟାଗଡ଼ କେବଳ ନୟାଗଡ଼ ନୁହେଁ ରାଜ୍ୟର ଏକ ସଫଳ ସଙ୍ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମ। ସଙ୍ଗୀତ ସାଧନା କରୁଥିବା ଛାତ୍ରୀଛାତ୍ର ଓ ଯୁବ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ତଥା ରାଜ୍ୟସ୍ତରରେ ସେମାନଙ୍କୁ ପରିଚିତ କରାଇବା ଲକ୍ଷ୍ୟ ନେଇ ୪ବର୍ଷ ହେଲା ପ୍ରତିଯୋଗିତା ହୋଇ ଆସୁଛି। ୪ ବର୍ଷ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର ୫ ଜଣ ପ୍ରତିଭାବାନ କଳାକାର ଆଜି ରାଜ୍ୟସ୍ତରରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛନ୍ତି।



ଭଏସ ଅଫ୍ ନୟାଗଡ଼ ପ୍ରତିଯୋଗିତା ଲାଗି ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା।

# ଶିଶୁଙ୍କୁ ସଂସ୍କାରିତ, ଶୃଙ୍ଖଳିତ ଶିକ୍ଷାକୁ ଗୁରୁତ୍ୱ

ନୂଆଗାଁ, ୨୨।୧୧ (ଧନେଶ୍ୱର ସାହୁ)

## ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ଶିବିର

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡ଼ାଖୋଲା ସରସ୍ୱତୀ ଶିଶୁ ମନ୍ଦିରରେ ଶୁକ୍ରବାର ଶିଶୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କୁ ଶିକ୍ଷାଦାନ କରିବା ସହ ସଂସ୍କାରିତ ଓ ଶୃଙ୍ଖଳିତ କରିବା ହେଉଛି ଶିଶୁ ମନ୍ଦିରର ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ଶିଶୁମାନଙ୍କୁ କିଭଳି ସମାଜ ସଂସ୍କାର ବିଷୟରେ ଜାଣିବା ସହ ନିଜ କାର୍ଯ୍ୟ ସ୍ୱଚ୍ଛତା ଭିତିରେ ନିଜେ କରିପାରିବେ ସେହି ଉଦ୍ଦେଶ୍ୟରେ ଶିଶୁ ଶିବିର ଆୟୋଜନ କରାଯାଇଥିଲା। ବାହାଡାଖୋଲା ସରସ୍ୱତୀ ଶିଶୁ ମନ୍ଦିରର ଶିଶୁ ବୋଧ ଓ ଶିଶୁ ପ୍ରାରମ୍ଭରେ ଥିବା ୪୪ ଜଣ ଶିଶୁ ବିଦ୍ୟା ମନ୍ଦିରକୁ ଆସିବା ସମୟରେ ଅନୁଷ୍ଠାନର ଗୁରୁମାମାନେ ସେମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ପରେ ଶିଶୁମାନେ ପ୍ରତିଦିନର ଉଠିବାଠାରୁ ଆରମ୍ଭ କରି ଗାଧୋଇବା, ଠାକୁର ପୂଜା କରିବା, ଖାଇବା, ଶୋଇବା ପର୍ଯ୍ୟନ୍ତ ପ୍ରତ୍ୟେକ ନିତ୍ୟକର୍ମ ନିଜେ କରିଥିଲେ। ଏହାପରେ ଶିଶୁମାନଙ୍କ ଦ୍ୱାର ଖେଳକୁଦ, ନାଚ, ଗୀତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁମାନଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ଦର୍ଶକମାନଙ୍କ ମନକୁ ବେଶ୍ ଆକୃଷ୍ଟ କରିପାରିଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଗୁରୁମା ବିଷ୍ଣୁପ୍ରିୟା ସାହୁ , ସ୍ନେହଲତା ସାହୁ, ପୁଷ୍ପଲତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ଶିଶୁମାନଙ୍କୁ ଚନ୍ଦନ ଦିଆଯାଇ ସ୍ୱାଗତ କରାଯାଉଛି।

# ଫାଇଲେରିଆ ନିରାକରଣ ପାଇଁ ୩ ବ୍ଲକରେ ଗଣ ଔଷଧ ସେବନ




ବୈଠକରେ ସ୍ୱାସ୍ଥ୍ୟ ବିଭାଗ ସହ ପ୍ରଶାସନିକ ଅଧିକାରୀମାନେ।

ନୟାଗଡ଼, ୨୨।୧୧(ଲୋକନାଥ ମିଶ୍ର)

## ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ରୋଜିନା ଦାସ ପୌରୋହିତ୍ୟ କରିଥିଲେ। ଜିଲାର ଓଡ଼ଗାଁ ଏବଂ ରଣପୁର ବ୍ଲକ ଫାଇଲେରିଆ ମୁକ୍ତ ବ୍ଲକ ଭାବେ ଘୋଷିତ ହୋଇଥିବାବେଳେ ନୟାଗଡ଼, ଖଣ୍ଡପଡ଼ା ଓ ଭାପୁର ବ୍ଲକ ଫାଇଲେରିଆମୁକ୍ତ ହେବାକୁ ଯାଉଛି। ସେହିଭଳି ଦଶପଲ୍ଲା, ନୂଆଗାଁ ଓ ଗଣିଆ ବ୍ଲକରେ ଫାଇଲେରିଆ ନିରାକରଣ ନିମନ୍ତେ ୨୦୨୫ ଫେବୃଆରୀ ୧୦ରୁ ୧୯ତାରିଖ ପର୍ଯ୍ୟନ୍ତ ଗଣଔଷଧ ସେବନ କରାଯିବ। ଏଥିରେ ଶିକ୍ଷା, ମହିଳା ଓ ଶିଶୁ କଲ୍ୟାଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସୂଚନା ଓ ଲୋକ ସମ୍ପର୍କ, ପୋଲିସ ବିଭାଗ, କୃଷି, ମିଶନ ଶକ୍ତି, ଜଙ୍ଗଲ ବିଭାଗ, ଓଡ଼ିଶା ଜୀବିକା ମିଶନ ପ୍ରଭୃତି ବିଭାଗ ସହଯୋଗ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଗଣ ଔଷଧ ସେବନରେ ୨ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥ ଲୋକଙ୍କୁ ବାଦ୍ ଦେଇ ଅନ୍ୟ ସମସ୍ତେ ସେବନ କରିବାକୁ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭେକ୍ଟର ବାହିତ ରୋଗ) ବନମାଳି ପ୍ରଧାନ ପ୍ରକାଶ କରିଥିଲେ। ସାମାନ୍ୟ ପ୍ରତିକ୍ରିୟା କ୍ଷେତ୍ରରେ ସେବନକାରୀ ଅଥବା ଆତ୍ମୀୟମାନେ ବ୍ୟସ୍ତ ବିବ୍ରତ ହେବେ ନାହିଁ। ଏହାର ତଦାରଖ ପାଇଁ ତାଲିମ ପ୍ରାପ୍ତ ଔଷଧ ପ୍ରଦାନକାରୀ, ସୁପରଭାଇଜର ଏବଂ ଦ୍ରୁତ କ୍ରିୟାନ୍ୱୟନ ଦଳଗୁଡ଼ିକୁ ନିଯୁକ୍ତ କରାଯାଇଛି। ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀମାନେ ଫେବୃଆରୀ ୧୦ ତାରିଖରୁ ୧୯ ତାରିଖ ମଧ୍ୟରେ ଘରକୁ ଘର ଗସ୍ତ କରି ଔଷଧ ପ୍ରଦାନ କରିବେ।

ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀମାନେ ତାଙ୍କ ସମ୍ମୁଖରେ ଫାଇଲେରିଆ ନିରୋଧି ଔଷଧ ସେବନ କରିବାକୁ ଅନୁରୋଧ କରିବେ। ଫାଇଲେରିଆ ମଶା କାମୁଡ଼ିବା ଦ୍ୱାରା ବ୍ୟାପିଥାଏ। ସାଧାରଣତଃ ପିଲାଦିନେ ଆକ୍ରାନ୍ତ କରୁଥିବା ଏହି ରୋଗ ବୟସ୍କ ଅବସ୍ଥାରେ ପ୍ରତ୍ୟକ୍ଷ ଭାବରେ ପରିଲକ୍ଷିତ ହୁଏ। ଏହି ସଂକ୍ରମଣ ଲିମ୍ଫାଟିକ ବ୍ୟବସ୍ଥାକୁ ନଷ୍ଟ କରି ଦେଇଥାଏ। ଯଦି ଏହାର ଚିକିତ୍ସା କରା ନ ଯାଏ ତେବେ ଶରୀରର ବିଭିନ୍ନ ଅଂଶ ଫୁଲିଥାଏ। ଯାହା ପୂର୍ବାବସ୍ଥାକୁ ଫେରାଇ ଅଣାଯାଇପାରିବ ନାହିଁ। ଏଣୁ ସଚେତନ ନାଗରିକ ଔଷଧ ସେବନ କରିବା ଉଚିତ। ଏଥିପାଇଁ ୨ରୁ ୫ବର୍ଷ, ୬ରୁ ୧୪ବର୍ଷ ଏବଂ ୧୫ରୁ ଅଧିକ ସମସ୍ତ ଯୋଗ୍ୟ ସେବନକାରୀଙ୍କ ପାଇଁ ଅଲଗା ଅଲଗା ଡୋଜ୍‌ର ଡିଇସି ବଟିକା ସହ ଗୋଟିଏ ଗୋଟିଏ କୃମି ନାଶକ ଆଲବେଣ୍ଡାଜୋଲ୍ ଔଷଧ ସେବନ କରିବାକୁ ପଡ଼ିଥାଏ। ଫାଇଲେରିଆ ମୁକ୍ତ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଂଯୋଜକ ଡା. ଶ୍ୟାମବନ୍ଧୁ ରଥ, ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ପରାମର୍ଶଦାତା ଦେବକାନ୍ତ ସନ୍ଦିପଗ୍ରହ ଜିଲା ପ୍ରଶାସନର ସହଯୋଗ ଆଶା କରିଛନ୍ତି। ବୈଠକରେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଅଧିକାରୀ ଡା. ଶରତ କୁମାର ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାଲୋ, ବିଭାଗୀୟ ଅଧିକାରୀ, ଜିଲାର ସମସ୍ତ ବ୍ଲକର ସ୍ୱାସ୍ଥ୍ୟ ଅଧିକାରୀ ଏବଂ ବିଭାଗୀୟ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ଐତିହାସିକ ହୁକିଟୋଲା ଦ୍ୱୀପ

■ ଶୋଭା ବର୍ଦ୍ଧନ କରୁଛି ଲୁଣା ହେନ୍ତାଳ ବଣ
■ ନୀଳ ଜଳରାଶିରେ ଡଲ୍‌ଫିନ
ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବୋଟ୍ ପଞ୍ଜୀକରଣ ହେଉ


ହୁକିଟୋଲା ଦ୍ୱୀପ କୂଳରେ ପହଞ୍ଚିବା ପାଇଁ ଜଳପଥର ଜେଟି।


ଐତିହାସିକ ହୁକିଟୋଲା ଦ୍ୱୀପ।

ମହାକାଳପଡ଼ା, ୨୨।୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଙ୍ଗୋପସାଗର ଆଇଲାଣ୍ଡ ଐତିହାସିକ ବ୍ରିଟିଶ ଶାସନ ସମୟରେ ନିର୍ମିତ ହୋଇଥିବା ହୁକିଟୋଲା ଦ୍ୱୀପକୁ ଶୀତଋତୁରେ ବହୁସଂଖ୍ୟାରେ ପର୍ଯ୍ୟଟକଙ୍କ ଗହଳି ଲାଗିଯାଏ। ବିଶେଷକରି ଶୀତଋତୁ ଆଗମନରେ ବଡ଼ଦିନ, ନୂଆବର୍ଷ, ରଜ ପର୍ବରେ ବଣଭୋଜି କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରନ୍ତି। ବିସ୍ତୀର୍ଣ୍ଣ ଲୁଣା ହେନ୍ତାଳ ଜଙ୍ଗଲ, ନୀଳ ଜଳରାଶି ମଧ୍ୟରେ ଡଲଫିନ, ବାଲୁକା ଶଯ୍ୟା ବେଳାଭୂମିରେ ଲାଲ ରଙ୍ଗର କଙ୍କଡ଼ା ସମାଗମ ଓ ନୀଳରକ୍ତ କଙ୍କଡ଼ା ଦେଖି ପ୍ରକୃତିପ୍ରେମୀ ଆନମନା ହୋଇଥାନ୍ତି। ଏହାକୁ ମୁଖ୍ୟତଃ ଦେଖିବାକୁ ଓଡ଼ିଶା ତଥା ବାହାର ରାଜ୍ୟରୁ ପର୍ଯ୍ୟଟକମାନେ ଏଠାକୁ ଛୁଟି ଆସନ୍ତି। ତେବେ ଏହି ପର୍ଯ୍ୟଟନସ୍ଥଳୀ ହୁକିଟୋଲା ଯିବାକୁ ହେଲେ ଜଳ ପଥରେ ନୌକା ସାହାଯ୍ୟରେ ଯାତାୟାତ କରିଥାନ୍ତି। ସେହିପରି ହୁକିଟୋଲା ଦ୍ୱୀପକୁ ଯିବାକୁ ହେଲେ ଜମ୍ବୁ ଜେଟିଠାରୁ ଚଟକା ହ୍ରଦ ଜଳ ପଥରେ ୧୦ କିମି ଦୂର ବୋଟରେ ୨ ଘଣ୍ଟା ସମୟ ଲାଗିଥାଏ। ତେବେ ଅନ୍ୟ ବାଟରେ ଯିବାକୁ ହେଲେ ରାମନଗର, ଖରିନାସି ଜେଟି ଓ ପାରାଦୀପ ସମୁଦ୍ର ମୁହାଣ ମହାନଦୀ ଶାଖା ନିପାଣିଆ ଗଳିଆ ନଦୀ ଦେଇ ବୋଟରେ ଯିବାକୁ ପଡ଼ିଥାଏ।

ଜମ୍ବୁ ଓ ଖରିନାସି ଜେଟିରୁ ଜଳପଥରେ ହୁକିଟୋଲାକୁ ଯାତ୍ରା ସମୟରେ ନଦୀର ଉଭୟ ପାର୍ଶ୍ୱରେ ଥିବା ଲୁଣା ହେନ୍ତାଳ ଜଙ୍ଗଲ, ଚିତ୍ରା ହରିଣ, ରଙ୍ଗ ବେରଙ୍ଗର ଦେଶୀ ବିଦେଶୀ ପକ୍ଷୀ ଓ ନଦୀପଠାଗୁଡ଼ିକରେ କୁମ୍ଭୀର ଖରା ଖାଉଥିବା ଦୃଶ୍ୟକୁ ପର୍ଯ୍ୟଟକମାନେ କ୍ୟାମେରାରେ କଏଦ କରିଥାନ୍ତି। ପର୍ଯ୍ୟଟକମାନେ ହୁକିଟୋଲା ଦ୍ୱୀପରେ ବଣଭୋଜି କରିବା ସହ ବେଳାଭୂମିର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ବୁଲାବୁଲି କରିଥାନ୍ତି। ଲୁଣା ହେନ୍ତାଳ ବଣରେ ବିଭିନ୍ନ ପ୍ରକାରର ଜୀବଜନ୍ତୁ ଭଳିକି ଭଳି ଦେଶୀୟ ପକ୍ଷୀ ବସା ବାନ୍ଧିବା ଦେଖିବାକୁ ମିଳେ। ଏହି ଦ୍ୱୀପକୁ ଯାତାୟାତ ପର୍ଯ୍ୟଟକମାନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ବୋଟ ନ ଥିବାରୁ ସେମାନେ ବାଧ୍ୟ ହୋଇ ବିନା ପଞ୍ଜୀକରଣ ଘରୋଇ ବୋଟରେ ବିପଦସଙ୍କୁଳ ଭାବେ ଯାତାୟାତ କରିଥାନ୍ତି। ସୂଚନାଯୋଗ୍ୟ, ହୁକିଟୋଲାରୁ ବଣଭୋଜି ସାରି ୨୦୧୯ ଜାନୁଆରୀ ୨ରେ କୁଜଙ୍ଗ ଅଞ୍ଚଳର ୫୦ରୁ ଅଧିକ ପର୍ଯ୍ୟଟକ ବିନା ପଞ୍ଜୀକରଣ ଘରୋଇ ଚାପା ଡଙ୍ଗାରେ ଘରକୁ ଫେରୁଥିବା ବେଳେ ନିକଟ ବତିଘର ନିପାଣିଆ ଖୋଳା ନଦୀରେ ସନ୍ଧ୍ୟାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ୧୦ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। କିଛି ମାସ ପୂର୍ବରୁ ରାମନଗର ଖରିନାସୀ ଅଞ୍ଚଳର କେତେଜଣ ମତ୍ସ୍ୟଜୀବୀ, ପର୍ଯ୍ୟଟକ ଏକ ଘରୋଇ ମାଛଧରା ଡଙ୍ଗାରେ ହୁକିଟୋଲାକୁ ବଣ ଭୋଜି ସାରି ଫେରୁଥିବାବେଳେ ବୋଟ ଇଞ୍ଜିନ ଅଚଳ ହୋଇ ମଝି ସମୁଦ୍ରରେ ଫସି ଯାଇଥିଲା। ଅପରପକ୍ଷରେ ହୁକିଟୋଲା ଦ୍ୱୀପରେ ବ୍ରିଟିଶ ଶାସକମାନେ ନିର୍ମାଣ କରିଥିବା ବୃହତ ସୌଧରେ ବ୍ୟବହୃତ ହୋଇଥିବା ପଥରଗୁଡ଼ିକ କଟକ ବାରବାଟୀ ଦୁର୍ଗ ଗଡ଼ଖାଇରେ ନିର୍ମିତ ହୋଇଥିବା ସମାନ ଧରଣର ପଥର। ବିଦେଶରୁ ବିଭିନ୍ନ ଖାଦ୍ୟଶସ୍ୟକୁ ଏହି ନୌବାଣିଜ୍ୟର ବୃହତ ପଣ୍ୟାଗାର ଗୃହରେ ଗଚ୍ଛିତ ରଖୁଥିଲେ। ପରେ ଓଡ଼ିଶାର ଖାଦ୍ୟାଭାବ ଅଞ୍ଚଳକୁ ଷ୍ଟିମର ଯୋଗେ ପ୍ରାଚୀନ ସହର କଟକ ଯୋବ୍ରା, ଚାନ୍ଦବାଲି, ବାଲେଶ୍ୱର, ଅସ୍ତରଙ୍ଗ, ପୁରୀ ଆଦି ଅଞ୍ଚଳକୁ ଜଳପଥରେ ଖାଦ୍ୟ ଶସ୍ୟ ପରିବହନ କରାଯାଉଥିଲା। ଏ ସଂକ୍ରାନ୍ତରେ ଗହୀରମଥା ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣାଙ୍କୁ ପଚାରିବାରେ ଜଳପଥରେ ଯାଉଥିବା ପର୍ଯ୍ୟଟକ ବୋଟଗୁଡ଼ିକୁ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯିବ। ସୁରକ୍ଷା ପଞ୍ଜୀକରଣ ବୋଟକୁ ପ୍ରବେଶ ପାଇଁ ଅନୁମତି ମିଳିବ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅରୁଣ


@ ମହମ୍ମଦ


@ ରାକେଶ


@ ସୁବ୍ରତ


@ ସ୍ୱାତୀ ସ୍ୱାଗତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯାଜପୁରରୋଡ୍ ଆଇଜିଏମ୍ ବିଦ୍ୟାଳୟ ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ଯାଜପୁରରୋଡ୍,୨୨।୧୧ (ପବିତ୍ର ରଞ୍ଜନ ମହାନ୍ତି):

## ଜୋନସ୍ତରୀୟ ଆନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହିଳା କବାଡ଼ି ପ୍ରତିଯୋଗିତା

ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଦଳାସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଖେଳପଡିଆରେ ୨ ଦିନିଆ ଜୋନସ୍ତରୀୟ ଆନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହିଳା କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଇନାଲ ମ୍ୟାଚ୍‌ରେ କିଶୋରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ହରାଇ ଯାଜପୁରରୋଡ ଇନ୍ଦିରା ଗାନ୍ଧି ମହିଳା(ଆଇଜିଏମ୍) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାମ୍ପିୟନ ହୋଇଛି। ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅଶୋକ ଦାସଙ୍କ ତତ୍ତ୍ୱାବଧନାରେ ଅନୁଷ୍ଠିତ ଖେଳରେ ପ୍ରଥମ ମ୍ୟାଚ୍ ଅନୁଗୋଳର କିଶୋରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୩୯ ପଏଣ୍ଟ ପାଇଥିଲା। ଭୁବନସ୍ଥିତ ବାଜିରାଉତ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳଶେଷ ସୁଦ୍ଧା ମାତ୍ର ୧୫ ପଏଣ୍ଟ ସଂଗ୍ରହ କରି ୨୪ ପଏଣ୍ଟରେ ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ପୁନର୍ବାର କିଶୋରନଗର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଖେଳି ୪୯ ପଏଣ୍ଟ ପାଇଥିଲା। ଢେଙ୍କାନାଳର ଜିରାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳଶେଷ ସୁଦ୍ଧା ମାତ୍ର ୨୪ ପଏଣ୍ଟ ସଂଗ୍ରହ କରି ୨୫ ପଏଣ୍ଟରେ ପରାସ୍ତ ହୋଇଥିଲା। ଶେଷରେ କିଶୋରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳି ୧୩ ପଏଣ୍ଟ ସଂଗ୍ରହ କରିଥିଲା। ଯାଜପୁରରୋଡ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ଶେଷ ସୁଦ୍ଧା ୬୭ ପଏଣ୍ଟ ପାଇଥିଲା। ଫଳରେ ୫୪ ପଏଣ୍ଟରେ କିଶୋରନଗରକୁ ଯାଜପୁରରୋଡ ଇନ୍ଦିରା ଗାନ୍ଧି ମହିଳା ଉଚ୍ଚ ମାଧ୍ୟମିକ ପରାସ୍ତକରି ଜୋନ ଚାମ୍ପିୟନ ହୋଇଥିଲା।

ଖେଳ ପରିଚାଳକ ଭାବେ ରମେଶଚନ୍ଦ୍ର ପଣ୍ଡା, ସାନ୍ତନୁ ମଲ୍ଲିକ, ସୁରେଶଚନ୍ଦ୍ର ସାହୁ ଓ ସହଯୋଗୀଭାବେ ଅନୁରାଧା ଦାସ, ଶୁଭଶ୍ରୀ ପାଲ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଆଇଜିଏମ କଲେଜର ଅଧ୍ୟକ୍ଷା ପଙ୍କଜିନୀ ପାଣି, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଅରୁଣ କୁମାର ମିଶ୍ର, ଜ୍ୟୋତିପ୍ରକାଶ ରାଉତ, ଚିତ୍ତରଞ୍ଜନ ବଳ, ପଦ୍ମଭୂଷଣ ରାଉତରାୟ, ଅଧ୍ୟାପିକା ଦୀପ୍ତିମୟୀ ରାଉତ, ଇପାଞ୍ଜଳି ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ହୃଷୀକେଶ ତ୍ରିପାଠୀ, ସୁରେନ୍ଦ୍ର ମଲ୍ଲିକ, ପ୍ରଦୀପ ପରିଡ଼ା, ଅଧ୍ୟାପିକା ଦେବଜାନୀ ଦାସ, ରାଜଲକ୍ଷ୍ମୀ ଦାସ, ଆୟେଶା ପରିଡ଼ା, ସ୍ମୃତିରେଖା ବେହେରା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଅଧାରୁ ପିଲାଙ୍କ ପାଠପଢ଼ା ବନ୍ଦ କଲେ ଅଭିଭାବକ

କୁଜଙ୍ଗ,୨୨।୧୧(ମନୋଜ ପ୍ରଧାନ)

## ଚଟୁଆ ହାଇସ୍କୁଲରେ ଅଚଳାବସ୍ଥା ଜାରି

ଏରସମା ବ୍ଲକ ଚଟୁଆ ପଞ୍ଚାୟତ ଅନ୍ତର୍ଗତ ଚଟୁଆ ହାଇସ୍କୁଲରେ ଦୀର୍ଘ ଦିନଧରି ଖାଲି ପଡ଼ିଥିବା ପ୍ରଧାନଶିକ୍ଷକ ପଦବୀ ପୂରଣ ଓ ସହକାରୀ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ୨ୟ ଦିନ ପାଇଁ ବିଦ୍ୟାଳୟରେ ଅଚଳାବସ୍ଥା ଜାରି ରହିଛି। କେତେଜଣ ଅଭିଭାବକ ଓ ଅଭିଭାବିକା ଶୁକ୍ରବାର ପାଠପଢ଼ା ଚାଲିଥିବାବେଳେ ଛାତ୍ରୀଛାତ୍ରଙ୍କୁ ଘରକୁ ଫେରିଯିବାକୁ ପରାମର୍ଶ ଦେଇଥିଲେ। ଫଳରେ ପାଠ ପଢ଼ା ବାଧାପ୍ରାପ୍ତ ହୋଇଛି।

ଗୁରୁବାର ଉପରୋକ୍ତ ଦାବି ନେଇ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ଧାରଣା ଦେଇଥିବାବେଳେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଥିଲେ। ଫଳରେ ବିଦ୍ୟାଳୟକୁ ଆସିଥିବା କେତେଜଣ ଛାତ୍ରୀଛାତ୍ର ଘରକୁ ଫେରିଯାଇଥିଲେ। କିଛି ସମୟପରେ ଗେଟ୍‌ରୁ ତାଲା ଖୋଲାଯାଇଥିଲା। ବାହାରେ ଅଟକି ରହିଥିବା ଛାତ୍ରୀଛାତ୍ର ବିଦ୍ୟାଳୟକୁ ପ୍ରବେଶ କରିଥିଲେ। ଏହାପରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶ୍ରେଣୀ ଗୃହରେ ପାଠପଢ଼ାଉଥିବାବେଳେ କେତେଜଣ ଅଭିଭାବକ ଓ ଅଭିଭାବିକା ବିଦ୍ୟାଳୟ ଭିତରକୁ ଆସି ଛାତ୍ରୀଛାତ୍ରୀମାନଙ୍କୁ ଶ୍ରେଣୀ ଗୃହରୁ ବାହାରି ଘରକୁ ଫେରିଯିବାକୁ କହିଥିଲେ। ଏନେଇ ଛାତ୍ରୀଛାତ୍ରମାନେ ବହିପତ୍ର ଧରି ଘରକୁ ଫେରି ଯାଇଥିଲେ। ବିଦ୍ୟାଳୟ ପରିସରରେ ଏପରି ନ କରିବାକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ବୁଝାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଖବରପାଇ ଅନ୍ୟ କେତେଜଣ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ପ୍ରତିବାଦ କରିବାରୁ ବିଦ୍ୟାଳୟ ପରିସରରେ କିଛି ସମୟପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ପହଞ୍ଚି ବୁଝାଶୁଝା କରିଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ସ୍ୱପ୍ନା ମହାପାତ୍ରଙ୍କୁ ପଚାରିବାରୁ ଉପରୋକ୍ତ ପ୍ରସଙ୍ଗରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି। ବିଦ୍ୟାଳୟରୁ ବଳକା ଶିକ୍ଷକଙ୍କୁ ବଦଳି କରାଯାଇଛି। ତେବେ ଜିଲା ପ୍ରଶାସନର ନିର୍ଦ୍ଦେଶକୁ ଯିଏ ଅବମାନନା କରୁଛନ୍ତି ତାଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରାଯିବ ବୋଲି କହିଛନ୍ତି।

# ୧ ବର୍ଷରେ ସବୁ ପରିବାରକୁ ନଳ ଯୋଗେ ଜଳ ମିଳିବ : ମନ୍ତ୍ରୀ ସମ୍ପଦ

କୁଜଙ୍ଗ,୨୨।୧୧(ମନୋଜ ପ୍ରଧାନ)

## ଜିଲାସ୍ତରୀୟ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ

୨୦୨୫ ଡିସେମ୍ବର ସୁଦ୍ଧା ଜଗତ୍‌ସିଂହପୁର ଜିଲାର ସବୁ ପରିବାରକୁ ନଳ ଯୋଗେ ଜଳ ଯୋଗାଣ ହେବ। ସରକାର ଦେଇଥିବା ପ୍ରତିଶ୍ରୁତି ମୁତାବକ ଏହି ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଶୁକ୍ରବାର ଏଚ୍‌ଡିଏଫସି ବ୍ୟାଙ୍କ ପକ୍ଷରୁ ୨ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜଗତ୍‌ସିଂହପୁର ଜିଲାର ୩ ବ୍ଲକ ଯଥାକ୍ରମେ କୁଜଙ୍ଗ , ଏରସମା ଓ ବାଲିକୁଦାର ୧୨ଟି ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ଶିଳ୍ପ , ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଉପରୋକ୍ତ ଘୋଷଣା କରିଛନ୍ତି। ଉଦ୍‌ଘାଟନ କରାଯାଇଥିବା ପ୍ରକଳ୍ପ ଦିଆଯାଇଥିବା ପ୍ରତିଶ୍ରୁତିର ଏକ ଅଂଶ ବୋଲି ସ୍ୱାଇଁ କହିଛନ୍ତି। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସବୁ ପ୍ରତିଶ୍ରୁତି ପୂରଣ କରାଯିବ ବୋଲି ସେ କହିଥିଲେ। ଏହି ପ୍ରକଳ୍ପ ଦାୟିତ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦିଆଯାଇଥିବା ବେଳେ ଏହା ମା'ମାନଙ୍କୁ ରୋଜଗାରକ୍ଷମ କରାଇବାରେ ସହାୟକ ହେବ ବୋଲି ମନ୍ତ୍ରୀ ସ୍ୱାଇଁ ଆଶାବ୍ୟକ୍ତ କରିଥିଲେ। ଆଗକୁ ଜଗତ୍‌ସିଂହପୁର ଜିଲାରେ ଶିଳ୍ପ ସଂସ୍ଥାମାନଙ୍କ ସିଏସ୍‌ଆର ଫଣ୍ଡ ଅଧିକ ବିନିଯୋଗ ହେବ ବୋଲି ମନ୍ତ୍ରୀ ସ୍ୱାଇଁ ଦୃଢୋକ୍ତି ପ୍ରକାଶ କରିଥିଲେ।

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆ ପଞ୍ଚାୟତ ବଡଙ୍ଗଠାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ବ୍ୟାଙ୍କର ଆଞ୍ଚଳିକ ମହାପ୍ରବନ୍ଧକ ସଂଗ୍ରାମ ଅଜିତାଭ ଦାସ ଯୋଗଦେଇ କହିଥିଲେ, ଏହି ଯୋଜନା ଓଡ଼ିଶା କାହିଁକି ସମଗ୍ର ଭାରତ ବର୍ଷରେ ପ୍ରଥମକରି ଜଗତ୍‌ସିଂହପୁର ଜିଲାର ୧୨ଟି ଗ୍ରାମରେ କାର୍ଯ୍ୟକାରୀ ହୋଇଛି। ଯଦି ମା'ମାନେ ଏହି ପ୍ରକଳ୍ପ ଚଳାଇବା ଦାୟିତ୍ୱ ସୁଚାରୁରୂପେ ତୁଲାଇବାରେ ସଫଳ ହୁଅନ୍ତି ତେବେ ଆଗାମୀ ଦିନରେ ଏହାକୁ ବିସ୍ତାର କରାଯିବ। ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥା ହର୍ଷା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉତ୍ସବରେ ଶାଖା ପରିଚାଳକ ଜ୍ୟୋତିରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଏସଆର ଓଡ଼ିଶା ମୁଖ୍ୟ ଚନ୍ଦନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ମାହାଳସାହି ସରପଞ୍ଚ ଧ୍ରୁବ ଚରଣ ନାୟକ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଭାଜପା ଜିଲା ସାଧାରଣ ସମ୍ପାଦକ ତପନ କୁମାର ତ୍ରିପାଠୀ ଓ ମନ୍ତ୍ରୀଙ୍କ କୁଜଙ୍ଗ ବ୍ଲକ ପ୍ରତିନିଧି ଦିଲୀପ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏରସମା ବ୍ଲକ ନୁହାଡି ପଞ୍ଚାୟତ ସରପଞ୍ଚ ବ୍ରଜ କିଶୋର ପ୍ରଧାନ, ବାଲିତୁଠ ସରପଞ୍ଚ ପ୍ରମୋଦ ଦାସ , କୁଜଙ୍ଗ ବ୍ଲକ ର ବଗଦିଆ ସରପଞ୍ଚ ମଞ୍ଜୁଲତା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମିତ ପ୍ରଧାନ ଓ ବୃନ୍ଦାବନ ବାରିକ ଉତ୍ସବ ପରିଚାଳନା କରିଥିଲେ। ହର୍ଷା ଟ୍ରଷ୍ଟର ପ୍ରକଳ୍ପ ସଂଯୋଜିକା ନିଳିମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟ ଅତିଥିମାନେ।

# ଯୋଜନା ହେଉଛି, ସଫଳତା ନୈରାଶ୍ୟଜନକ

ଯାଜପୁର,୨୨।୧୧(ହର୍ଷବର୍ଦ୍ଧନ ବେହେରା)

## ଭୂତଳ ଜଳ ହ୍ରାସ ପ୍ରସଙ୍ଗ

■ ଜଳ ସଞ୍ଚୟ ଜନ ଭାଗୀଦାରି ଉପରେ ପୁଣି ଗୁରୁତ୍ୱାରୋପ

ଭୂତଳ ଜଳ ବ୍ୟବହାରକୁ ନେଇ ହୋଇଥିବା କଟକଣାକୁ କେହି ମାନୁନାହାନ୍ତି। ଏଥିଯୋଗୁ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି। ବିଶେଷକରି ଖଣି ଓ ଶିଳ୍ପାଞ୍ଚଳରେ ଲୋକେ ପାଣି ପାଇଁ ହାହାକାର ହେଉଛନ୍ତି। ଏଣୁ ଜଳ ସଂରକ୍ଷଣ ସମେତ ଭୂତଳ ଜଳ ଉତ୍ସ ବୃଦ୍ଧି କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ପୂର୍ବରୁ ବିଭିନ୍ନ ନିଷ୍ପତ୍ତି ନେଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ଭୂତଳ ଜଳ ନିମ୍ନଗାମୀ ହେବାରେ ଲାଗିଛି। ଫଳରେ ଗ୍ରୀଷ୍ମଦିନରେ ନଳକୂପ, କୂଅ ଆଦିରୁ ପାଣି ଶୁଖିଯାଉଛି। ଗତ ସେପ୍ଟେମ୍ବର ୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଳ ସଞ୍ଚୟ ଜନ ଭାଗୀଦାରି ଯୋଜନା ଆରମ୍ଭ କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ସମସ୍ତ ଜିଲା ପରିଷଦ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ହୋଇଛି। ତେବେ ପୂର୍ବ ଯୋଜନାଗୁଡ଼ିକ ଭଳି ରାଜ୍ୟରେ ଏହି ଯୋଜନା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ ହିଁ କହିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଭୂତଳ ଜଳ ବିକାଶ ନିର୍ଦ୍ଦେଶାଳୟର ଭୂବିଜ୍ଞାନୀମାନେ ଅଧ୍ୟୟନ ଦ୍ୱାରା ଖଣି ଏବଂ ଶିଳ୍ପାୟନ ହେତୁ ଭୂତଳ ଜଳ ହ୍ରାସର ପ୍ରଭାବ ଅନୁମାନ କରିବେ। ଯଦି ଭୂତଳ ଜଳ ହ୍ରାସ ପାଇଥିବାର ଦେଖାଯାଏ, ତେବେ ପ୍ରଭାବିତ ଲୋକଙ୍କୁ ବିକଳ୍ପ ପାନୀୟ ଜଳ ଉତ୍ସ ଯୋଗାଇ ଦେବାକୁ ସମ୍ପୃକ୍ତ ଖଣି ଓ ଶିଳ୍ପ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବ। ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଗ୍ରାଉଣ୍ଡ୍ ୱାଟର ରେଗୁଲେଶନ, ଡେଭଲପମେଣ୍ଟ ଆଣ୍ଡ୍ ମ୍ୟାନେଜମେଣ୍ଟ ନିୟମ-୨୦୨୦ର ବିଭିନ୍ନ ଧାରା ଉପରେ ହୋଇଥିବା ବୈଠକରେ ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିଲା, ଯାହାକି ଏଯାଏ ଆରମ୍ଭ ହୋଇନାହିଁ। ରାଜ୍ୟର ପ୍ରାୟ ୯୦ ପ୍ରତିଶତ ବ୍ଲକ ଅଞ୍ଚଳରେ ଜଳସ୍ତର ପ୍ରାୟ ୫ ମିଟର ବିଲୋ ଗ୍ରାଉଣ୍ଡ୍ ୱାଟର(ଏମ୍‌ବିଜିଏଲ୍) ରହିଛି। ପୂର୍ବରୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଇଞ୍ଜିନିୟର-ଇନ-ଚିଫ(ଇଆଇସି) ଅଚଳ ବୋରୱେଲ ଜରିଆରେ ଭୂତଳ ଜଳ ପୁନଃଭରଣ କରିବାକୁ ନିର୍ବାହୀ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିପାଇଁ ଏକ ନକ୍ସା ପ୍ରସ୍ତୁତ ହୋଇଥିଲା, ଯେଉଁଥିରେ କି ଅଚଳ ବୋରୱେଲର ବାହାର ପାର୍ଶ୍ୱକୁ ଏକ କମ୍ପ୍ରେସର ଜରିଆରେ ଜଳଧୌତ(ଫ୍ଲସ) କରାଯିବ। ବୋରୱେଲ ଚତୁଃପାର୍ଶ୍ୱର ୩ ମିଟର ପର୍ଯ୍ୟନ୍ତ ଉପରେ ୪ ବ୍ୟାସମିଟର ଓ ନିମ୍ନଭାଗରେ ୩ ବ୍ୟାସମିଟର ଖନନ ହେବ। ଏଥିରେ ବାଲି, ମୋଟା ନାଇଲନ ୱେର ଆଦି ବ୍ୟବହାର କରାଯାଇ ଯୋଜନା ଅନୁସାରେ ପ୍ରକ୍ରିୟା ଗଠନ କରାଯିବ ବୋଲି ଯୋଜନାରେ ଦର୍ଶାଯାଇଥିଲା। ଏଥିଯୋଗୁ ବର୍ଷାପାଣି ଗଠନ ପ୍ରଣାଳୀରେ ଭେଦି ଜଳସ୍ତରକୁ ବୃଦ୍ଧି କରିବ ବୋଲି ବିଭାଗ ଆଶାବାଦୀ ଥିଲା। ଏହା ମଧ୍ୟ ଯୋଜନାରେ ସୀମିତ ରହିଛି ବୋଲି ମତପ୍ରକାଶ ପାଇଛି।

# ନେଟ୍‌ୱର୍କ ନ ଥିବାରୁ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

ନୂଆଗାଁ, ୨୨।୧୧ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଅନେକ ଆଦିବାସୀ ଅଧୁଷିତ ପଞ୍ଚାୟତରେ ନେଟ୍‌ୱାର୍କ ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସରକାର ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ଇ-କେୱାଇସି ବାଧ୍ୟତାମୂଳକ କରିଥିବାବେଳେ ଆଦିବାସୀ ଅଧୁଷିତ ପଞ୍ଚାୟତରେ ନେଟ୍‌ୱର୍କ ବାଧକ ସାଜିଛି। ତେଣୁ କାପ୍ତାପଲି ପଞ୍ଚାୟତର ସରପଞ୍ଚ ସନ୍ଧ୍ୟା ହେଲେ ଗାଁକୁ ଗାଁ ବୁଲି ହିତାଧିକାରୀଙ୍କର ଇ-କେଓ୍ୟାଇସି କରୁଛନ୍ତି।

ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ପ୍ରୟାସ କରୁଛନ୍ତି। ତେଣୁ ଯୋଗାଣ ବିଭାଗ ଦ୍ୱାରା ଖାଦ୍ୟ ସୁରକ୍ଷା ଆଇନରେ ପରିବର୍ତ୍ତନକରି ସାମିଲ ହୋଇଥିବା ପ୍ରତି ହିତାଧିକାରୀଙ୍କ ଇ-କେୱାଇସି ବାଧ୍ୟତାମୂଳକ କରାଯାଇଛି। ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କୁ ଅବଗତ ମଧ୍ୟ କରାଇ ଦିଆଯାଇଛି। କିନ୍ତୁ ଅନେକ ପଞ୍ଚାୟତରେ ନେଟ୍‌ୱର୍କ ସେବା ବାଧକ ସାଜିଛି। ନୂଆଗାଁ ବ୍ଲକର ଆଦିବାସୀ ବହୁଳ କାପ୍ତାପଲ୍ଲୀ ପଞ୍ଚାୟତରେ ନେଟ୍‌ୱର୍କ ସେବା ନାହିଁ। ଫଳରେ ଲୋକମାନେ ଅନେକ ଅସୁବିଧା ଭୋଗୁଛନ୍ତି। ନେଟ୍‌ୱର୍କ ନ ଥିବା କାରଣରୁ ଉକ୍ତ ପଞ୍ଚାୟତର ଅନେକ ହିତାଧରକାରୀ ଇ-କେୱାଇସି କରିନାହାନ୍ତି, ଯାହାକି ହିତାଧିକାରୀଙ୍କର ରାଶନ କାର୍ଡ କଟିଯିବା ଭୟ ରହିଛି। କାପ୍ତାପଲ୍ଲୀ ପଞ୍ଚାୟତରେ ପ୍ରାୟତଃ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି। ଉକ୍ତ ପଞ୍ଚାୟତରେ ଅନେକ ସମସ୍ୟା ରହିଛି। ତେବେ ବର୍ତ୍ତମାନ ସମୟରେ ନେଟ୍‌ୱର୍କ ମୁଖ୍ୟ ସମସ୍ୟା ପାଲଟିଛି। ନେଟ୍‌ୱର୍କ ସମସ୍ୟା ଦୂର କରିବାକୁ ଯଦିଓ ବିଭିନ୍ନ ସ୍ଥାନରେ ଟାୱାର ନିର୍ମାଣ କରାଯାଇଛି, କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ନେଟ୍‌ୱାର୍କ ସମସ୍ୟା ଲାଗି ରାଶନ କାର୍ଡ ହିତାଧିକାରୀଙ୍କୁ ଇ-କେୱାଇସି କରିବା କ୍ଷେତ୍ରରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ପରିସ୍ଥିତିରେ କାପ୍ତାପଲ୍ଲୀ ପଞ୍ଚାୟତରେ ହିତାଧିକାରୀଙ୍କର ଇ-କେୱାଇସି ପାଇଁ ସହଯୋଗର ହାତ ବଢ଼ାଇଛନ୍ତି ସରପଞ୍ଚ ସାରସଧର ସାହୁ। ଲୋକଙ୍କ ସମସ୍ୟା ବାବଦରେ ପ୍ରଶାସନକୁ ସେ ପ୍ରଥମେ ଅବଗତ କରାଇଥିଲେ। ପଞ୍ଚାୟତର ଅଳ୍ପ କେତୋଟି ଉଚ୍ଚ ସ୍ଥାନରେ କେବଳ ସନ୍ଧ୍ୟା ପରେ ନେଟ୍‌ୱର୍କ ଆସେ। ତେଣୁ ସରପଞ୍ଚ ସାହୁ ସନ୍ଧ୍ୟା ହେଲେ ଗାଁକୁ ଗାଁ ବୁଲି ହିତାଧିକାରୀଙ୍କର ଇ-କେୱାଇସି ଅପ୍‌ଡେଟ୍ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଯେଉଁ ଗ୍ରାମରେ ଆଦୌ ନେଟ୍‌ୱର୍କ ନାହିଁ ସେହି ଗ୍ରାମର ପାଖ ଗ୍ରାମକୁ ଲୋକମାନଙ୍କୁ ଡକାଇ ଇ-କେୱାଇସି ଅପ୍‌ଡେଟ୍ କରାଯାଉଛି। କାପ୍ତାପଲ୍ଲୀ ପଞ୍ଚାୟତରୁ ପଡ଼ୋଶୀ ଗୁମୀ ପଞ୍ଚାୟତର କେତେଗୋଟି ଗ୍ରାମର ହିତାଧିକାରୀଙ୍କର ରାଶନ କାର୍ଡ ରହିଥିବାରୁ ସେଠାରେ ମଧ୍ୟ ସାହୁ ସେବା ଯୋଗାଇ ଦେଉଛନ୍ତି। ବାକି ରହିଯାଇଥିବା ହିତାଧିକାରୀଙ୍କର ଇ-କେୱାଇସି ଅଳ୍ପଦିନ ବ୍ୟବଧାନରେ ଶେଷ ହୋଇଯିବ ବୋଲି ସରପଞ୍ଚ ସାହୁ କହିଛନ୍ତି। ସରପଞ୍ଚଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏ ସମ୍ପର୍କରେ ନୂଆଗାଁ ଏବିଡିଓ ସ୍ୱଦେଶ ରଞ୍ଜନ ଶତପଥୀଙ୍କୁ ପଚାରିବାରେ ଆଦିବାସୀ ଅଧୁଷିତ ଅଞ୍ଚଳରେ ନିର୍ମାଣ କରାଯାଇଥିବା ଟାୱାରକୁ କାର୍ଯ୍ୟକ୍ଷମ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।


ସରପଞ୍ଚ ରାତିରେ ଆଦିବାସୀ ଗାଁର ହିତାଧିକାରୀଙ୍କ ଇ-କେୱାଇସି କରୁଛନ୍ତି।

- ରାତିରେ ଗାଁକୁ ଗାଁ ବୁଲି ଇ-କେୱାଇସି କରୁଛନ୍ତି ସରପଞ୍ଚ
- ଆଦିବାସୀ ଅଧୁଷିତ ପଞ୍ଚାୟତରେ ନେଟ୍‌ୱର୍କ ସାଜିଛି ବାଧକ

# ଫାଇନାଲରେ ପଙ୍କାଳ ଦିବ୍ୟଜ୍ୟୋତି କ୍ଲବ


ଅତିଥି ଗହଣରେ ଖେଳାଳିମାନେ।

ନୂଆଗାଁ, ୨୨।୧୧ (ଧନେଶ୍ୱର ସାହୁ)

**ମାଳିସାହି ଫୁଟବଲ ଟୁର୍ଣ୍ଣାମେଣ୍ଟ**

ନୟାଗଡ଼ ଜିଲ ନୂଆଗାଁ ବ୍ଲକ ମାଳିସାହିଠାରେ ଭଞ୍ଜ ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ଫୁଟବଲ ଖେଳର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ଼ ପଙ୍କାଳ ଦିବ୍ୟଜ୍ୟୋତି କ୍ଲବ ବିଜୟ ଲାଭ କରି ଫାଇନାଲରେ ପ୍ରବେଶ କରିଛି।

ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ଘାଟିକିଆ ବଜରଙ୍ଗବାଲୀ କ୍ଲବ ଏବଂ ଆଠଗଡ଼ ପଙ୍କାଳ ଦିବ୍ୟଜ୍ୟୋତି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ୧୩ ମିନିଟ୍‌ରେ ଏବଂ ଦ୍ୱିତୀୟାର୍ଦ୍ଧରେ ୬୭ ମିନିଟ୍‌ରେ ଆଠଗଡ଼ର ୨ ନମ୍ବର ଖେଳାଳି ୨ଟି ଗୋଲ ମାରିଥିଲେ। ଦ୍ୱିତୀୟାର୍ଦ୍ଧରେ ୮୩ ମିନିଟ୍‌ରେ ଘାଟିକିଆର ୧୦ ନମ୍ବର ଖେଳାଳି ଗୋଟିଏ ଗୋଲ ଦେଇଥିଲେ। ଖେଳ ଶେଷ ସୁଦ୍ଧା ଆଠଗଡ଼ ପଙ୍କାଳ ଦିବ୍ୟଜ୍ୟୋତି କ୍ଲବ ୨-୧ ଗୋଲରେ ବିଜୟୀ ହୋଇଥିଲା। ମୁଖ୍ୟ ରେଫରୀ ଭାବେ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ପ୍ରସନ୍ନ କୁମାର ନାୟକ, ବିଦ୍ୟାଧର ନାୟକ, ବିଜୟ କୁମାର ବିଶ୍ୱାଳ ପ୍ରମୁଖ ତାଙ୍କୁ ସହାୟତା କରିଥିଲେ। ମ୍ୟାଚରେ ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗଙ୍ଗାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ରବିବାର ଫାଇନାଲ ମ୍ୟାଚରେ ଅନୁଗୋଳ ପତାକା କ୍ଲବ ଓ ଆଠଗଡ଼ ପଙ୍କାଳ ଦିବ୍ୟଜ୍ୟୋତି କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

# ରାସ୍ତା ପାର୍ଶ୍ୱରେ ଥିବା ବିପଦସଙ୍କୁଳ ଗଛକୁ ହଟାଇବାକୁ ଦାବି

ଖଣ୍ଡପଡ଼ା,୨୨।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରୁ ଡାକ୍ତରଖାନା ଛକ ଦେଇ ନିକଟସ୍ଥ ମହିଳା ମହାବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାପାର୍ଶ୍ୱରେ ଏକ ବୃହତକାୟ ଗଛ ଦୀର୍ଘବର୍ଷ ଧରି ରାସ୍ତା ଉପରକୁ ଢ଼ଳି ରହିଛି। ବର୍ଷା ତଥା ସାମାନ୍ୟ ପବନ ବୋହିଲେ ଉକ୍ତ ରାସ୍ତା ଦେଇ ଯାତାୟାତ ନିମନ୍ତେ ସହରବାସୀ ଭୟ କରୁଛନ୍ତି। ଉକ୍ତ ରାସ୍ତା ଦେଇ ପ୍ରତ୍ୟେହ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଉଛନ୍ତି। ରାସ୍ତା ଉପରକୁ ମାଡ଼ି ରହିଥିବା ଏହି ବୃହତକାୟ ଗଛଟି କେତେବେଳେ ଯେ ଉପୁଡ଼ି ପଡ଼ି ବିପଦ ସୃଷ୍ଟି କରିବ ତା'ର କିଛି ଠିକ ଠିକଣା ନାହିଁ। ଉକ୍ତ ରାସ୍ତା ଦେଇ ଦୈନିକ ଭାରିଯାନଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ୍‌ଗୁଡ଼ିକ ଯାତାୟାତ କରୁଛନ୍ତି। ତେଣୁ ସମୂହ ସ୍ୱାର୍ଥ ଦୃଷ୍ଟିରୁ ରାସ୍ତାପାର୍ଶ୍ୱରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଏହି ବୃହତକାୟ ଗଛଟିକୁ କାଟି ଦେବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡ଼ା ଏନ୍‌ଏସି ଓ ବନ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।


ରାସ୍ତା ଉପରକୁ ଝୁଲି ରହିଥିବା ଗଛ।

# ତମାଖୁମୁକ୍ତ ବିଦ୍ୟାଳୟ ସଚେତନତା କାର୍ଯ୍ୟକ୍ରମ



ଖଣ୍ଡପଡ଼ା,୨୨।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଗୁଣ୍ଡୁଣି ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟରେ ତମାଖୁମୁକ୍ତ ବିଦ୍ୟାଳୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ରାଉତଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୂଆଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଦ୍ୟାଳୟ ସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରିଣୀ ରୁନୁବାଳା ମହାପାତ୍ର ଓ ନୀଳକଣ୍ଠ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ତମାଖୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବାକୁ ଶିକ୍ଷୟିତ୍ରୀଶିକ୍ଷକ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ପରାମର୍ଶ ଦେଇଥିଲେ। ପରେ ବିଦ୍ୟାଳୟ ପରିସରକୁ ତମାଖୁ ମୁକ୍ତ କରିବାକୁ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। ତମାଖୁ ସେବନର ଭୟାବହତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ନୟାଗଡ଼,୨୨।୧୧(ଲୋକନାଥ ମିଶ୍ର)

ଓଡଗାଁ ବ୍ଲକ ପଦ୍ମାଦେଇପୁର ଗାଁର ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ମିଶ୍ର(୮୪)ଙ୍କ ପରଲୋକ ହୋଇଛି। ସେ ଦଶପଲ୍ଲା ବ୍ଲକର ବାଣିଗୋଛାରେ ଶିକ୍ଷକତା ଆରମ୍ଭ କରିଥିଲେ। ପରେ ଲେଙ୍କୁଡ଼ିପଡ଼ା ପ୍ରାଥମିକ ବିଦ୍ୟାଳୟରେ ୨୫ବର୍ଷ ଶିକ୍ଷକତା କରି ଅବସର ନେଇଥିଲେ। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପଡ଼ିଥିଲେ। ପ୍ରାୟ ୪ ଦିନ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପରେ ପ୍ରାଣ ହରାଇଛନ୍ତି। ମୃତ୍ୟୁ ସମୟରେ ସ୍ତ୍ରୀ, ୨ ପୁଅ, ୩ ବୋହୂ, ଝିଅଜ୍ୱାଇଁ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ମୃତଦେହ ସଂସ୍କାର କରାଯାଇଛି।

# ଗଣିଆରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଗଣିଆ, ୨୨।୧୧
(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ବିଜେଡି ପକ୍ଷରୁ ଶୁକ୍ରବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଗଣିଆ ବ୍ଲକର ବିଜୟନଗରଠାରୁ ଏହି ପଦଯାତ୍ରା ବାହରି ଗଣିଆ ବଜାର ଦେଇ ଚଉବଙ୍ଗ ତୋଟାଠାରେ ପହଞ୍ଚି ଥିଲା। ପରେ ଚଉବଙ୍ଗ ତୋଟା ପରିସରରେ ଆୟୋଜିତ ସଭାରେ ଦଳକୁ ପୁଣି ଥରେ ମଜଭୁତ କରିବା ସହ ଆଗାମୀ ଦିନରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ନେତୃତ୍ୱରେ ସରକାର ଗଠନ ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ରାଜ୍ୟରେ ଥିବା ଭାଜପା ସରକାରଙ୍କ ବିରୋଧରେ ମଞ୍ଚାସୀନ ନେତୃବୃନ୍ଦ ଦରଦାମ ବୃଦ୍ଧିଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟାକୁ ନେଇ ବିଷୋଦ୍‌ଗାର କରିଥିଲେ। ଆୟୋଜିତ ଏହି ପଦଯାତ୍ରାରେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସମେତ ଦଶପଲ୍ଲା ନିର୍ବାଚନମଣ୍ଡଳୀର ସମସ୍ତ ଜିଲାପରିଷଦ ସଭ୍ୟ, ବିଜେଡି ଦଳର ବ୍ଲକ ସଭାପତିମାନେ ଅଂଶଗ୍ରହଣ କରିଥିଲେ। ଆୟୋଜିତ ଏହି ପଦଯାତ୍ରାରେ ୨ହଜାରରୁ ଊର୍ଦ୍ଧ୍ୱ ମହିଳାପୁରୁଷ କର୍ମୀ ଯୋଗଦେଇଥିଲେ।


ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଅନ୍ୟମାନେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅରୁଣ


@ ମହମ୍ମଦ


@ ରାକେଶ


@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଫଳତା ପରେ ଛାତ୍ର ପଦାରବିନ୍ଦଙ୍କୁ ସମ୍ବର୍ଦ୍ଧନା




ଖଣ୍ଡପଡ଼ା,୨୨।୧୧ (ଅଜୟ କୁମାର ମହାରଣା)

ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ପଦାରବିନ୍ଦ ଦାଶ ୨ୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତା ପରେ ଖଣ୍ଡପଡ଼ା ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶିକ୍ଷା ଭାରତୀ ପକ୍ଷରୁ ସମ୍ପୃକ୍ତ ଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଶୁକ୍ରବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପଦାରବିନ୍ଦଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଚାକିରି ପଛରେ ନ ପଡ଼ି କୃଷି, ମତ୍ସ୍ୟ, ପ୍ରାଣୀସମ୍ପଦକୁ ଆପଣାଅ



ମେଳାର ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଓ ଅନ୍ୟମାନେ।

ନୟାଗଡ଼,୨୨।୧୧(ଲୋକନାଥ ମିଶ୍ର)

**ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ**

ନୟାଗଡ଼ ଷ୍ଟାଡିୟମ୍‌ରେ ଗୁରୁବାର ଆରମ୍ଭ ହୋଇଥିବା ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ ଚାକିରି ପଛରେ ନ ପଡ଼ି କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରକୁ ଆପଣେଇବା ଉଚିତ। ସରକାରୀସ୍ତରରେ ଆଉ ଚାକିରି ବହୁ ନାହିଁ। ଘରୋଇ କ୍ଷେତ୍ରରେ କମ୍ପ୍ୟୁଟରୀକରଣ ବିଭିନ୍ନ ଅତ୍ୟାଧୁନିକ ଜ୍ଞାନ କୌଶଳ ଯୋଗୁ ସେଠାରେ ମଧ୍ୟ ଅଧିକ ଚାକିରି ବାହାରୁ ନାହିଁ। ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇ କହିଥିଲେ, ମହାନଦୀରେ ମାଛ ଯାଆଁଳା ଛାଡ଼ିବା କାର୍ଯ୍ୟକ୍ରମକୁ ବ୍ୟାପକ କରାଗଲେ ମତ୍ସ୍ୟଜୀବୀ ପରିବାରର ଆର୍ଥିକ ସ୍ଥିତିରେ ଉନ୍ନତି ଆସି ପାରିବ। ଜିଲାସ୍ତର ମେଳା ପରି ବ୍ଲକସ୍ତରୀୟ ମେଳା କରାଗଲେ ଏହା ସୁଦୂର ପ୍ରସାରୀ ହୋଇପାରିବ। ଅନ୍ୟତମ ଅତିଥି ରୂପେ ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା ଯୋଗଦେଇ ମାଛ, ମାଂସ ଓ ଅଣ୍ଡାର ଉତ୍ପାଦନ ବଢ଼ିବା ଜିଲା ପାଇଁ ଶୁଭ ଖବର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଅତିରିକ୍ତ ଏସ୍‌ପି ସୁବାସ ପଣ୍ଡା, କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ଅନ୍ତର୍ଯ୍ୟାମୀ ମିଶ୍ର ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଚାଷୀ ବୈଜ୍ଞାନିକ, ବୈଷୟିକ ଭାବ ବିନିମୟରେ ସୌମେନ୍ଦ୍ର ନନ୍ଦ, ପ୍ରାଣୀ ବିଜ୍ଞାନୀ ପ୍ରଦୀପ୍ତ କୁମାର ସାହୁ ଓ ରାଜୀବ ଶର୍ମା ଯୋଗ ଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ବସନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ମତ୍ସ୍ୟ ଅଧିକାରୀ ପ୍ରକାଶ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

